ମନ ଆକାଶର ପକ୍ଷୀ



ଯତୀନ୍ଦ୍ର ନାଥ ଜେନା

Digitized by PPRACHIN, SOA

ପ୍ରକାଶିକା

ଶ୍ରୀମତୀ ଶାନ୍ତିଲତା ଜେନା

Digitized by PPRACHIN, SOA

ମନ ଆକାଶର ପକ୍ଷୀ

- ଲେଖକ -

ଶ୍ରୀ ଯତୀନ୍ଦ୍ର ନାଥ ଜେନା

Digitized by PPRACHIN, SOA

ମନ ଆକାଶର ପକ୍ଷୀ

(*ଲଳିତ ନିବନ୍ଧ*)

ଲେଖକ : ***ଶ୍ରୀ ଯତୀନ୍ଦ୍ର ନାଥ ଜେନା*** , ଖଗଡ଼ାପାଳ, ବାଲିଆପାଳ, ଜିଲ୍ଲା- ବାଲେଶ୍ୱର ଫୋନ୍ - ୯୭୭୬୨୮୭୭୪୭ ■ ପ୍ରକାଶିକା : ***ଶ୍ରୀମତୀ ଶାନ୍ତିଲତା ଜେନା,*** ଖଗଡ଼ାପାଳ, ବାଲିଆପାଳ, ଜିଲ୍ଲା- ବାଲେଶ୍ୱର ପିନ୍ - ୭୫୬୦୨୬ ■ ପ୍ରଚ୍ଛଦ : ଓମ୍ ଡିଜାଇନର୍, ଆଇ.ଟି.ଆଇ.ଛକ, ବାଲେଶ୍ୱର ■ ଅକ୍ଷରସଜ୍ଜା : **ଅଂଶୁମାନ ଗ୍ରାଫିକ୍ସ,** ଏଫ୍.ଏମ୍. କଲେଜରୋଡ଼୍,ବାଲେଶ୍ୱର ■ ପ୍ରଥମ ପ୍ରକାଶ : **ନବବର୍ଷ - ୨୦୧୬** ■ ମୂଲ୍ୟ : **୭୦ ଟଙ୍କା ମାତ୍ର**

MANA AAKASHAR PAKSHI

(Light Essays)

By : ***Sri Jatindra Nath Jena***, Khagadapal,Baliapal, Dist - Balasore, Pin - 756026, Ph - 9776287747 ■ Publisher : ***Smt. Shantilata Jena,*** Khagadapal,Baliapal, Dist - Balasore, Pin - 756026,■ Cover Design :**Omm Designer**, I.T.I. Chhak, Balasore ■ Layout : ***Anshuman Graphics,*** F.M. College Road, Balasore, Ph : 8594947095 ■ First Edition: ***New year- 2016*** ■ Price : ***Rs 70/- only.***

Digitized by PPRACHIN, SOA

ଉତ୍ସର୍ଗ

ଯେଉଁ ସ୍ନେହମୟୀ ଜନନୀଙ୍କ ରକ୍ତରେ ଏ ଶରୀର ପୁଷ୍ଟ, ଯାହାଙ୍କ ଦାୟିତ୍ୱଶୀଳ ଯତ୍ନରେ ସାଧାରଣ ଶିକ୍ଷା ପାଇ ନିଜକୁ ସମାଜରେ ପ୍ରତିଷ୍ଠିତ କରିବାର କିଛିଟା ସୁଯୋଗ ପାଇଛି, ସେହି ମମତାମୟୀ ମାଆ ଦିବଂଗତା ଶ୍ରୀମତୀ ରାଧାମଣି ଦେବୀଙ୍କ ପାଦପଦ୍ମରେ ଏହି ସାରସ୍ୱତ କୃତି 'ମନ ଆକାଶର ପକ୍ଷୀ' ପୁସ୍ତକଟିକୁ ଭକ୍ତିର ସହିତ ଉତ୍ସର୍ଗ କରୁଛି ।

ସ୍ନେହର

ଯତୀନ୍ଦ୍ର

Digitized by PPRACHIN, SOA

ପ୍ରକାଶିକାଙ୍କ କଲମରୁ

ମୋର ସ୍ୱାମୀ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ଜେନା ତାଙ୍କ କର୍ମମୟ ଜୀବନ ଶିକ୍ଷକତାରୁ ଆରମ୍ଭ କରି ସେହି ଶିକ୍ଷକତାରେ ହିଁ ଶେଷ କଲେ । ଦୀର୍ଘ ଛ' ଦଶନ୍ଧିର ଜୀବନ ମଧ୍ୟରେ ଆମେ ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇଛୁଁ । କିନ୍ତୁ କେବେ ମନାନ୍ତର ଘଟିନାହିଁ । ତିନି ଝିଅ ଓ ଗୋଟିଏ ପୁଅକୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦେବାର ନୈତିକ କର୍ତ୍ତବ୍ୟ ଆମ ଦୁଇଜଣଙ୍କର ଥିଲା । ଅବସରର ୨୦ବର୍ଷ ପରେ ସେ କିଛି ଲେଖାଲେଖି କରିବାର ମୁଁ ଦେଖିଲି । କିନ୍ତୁ କ'ଣ ସେ ଲେଖନ୍ତି, ଲେଖାର ଆଭିମୁଖ୍ୟ କ'ଣ, ମୁଁ କେବେ ଜାଣିବାକୁ ଆଗ୍ରହ ପ୍ରକାଶ କରିନାହିଁ । ମୁଁ ଜାଣେ ସେ ଯାହା କରନ୍ତି ଭଲ କରନ୍ତି । ତାଙ୍କ ହସ ହସ ମୁଖ, ମିଠାମିଠା କଥା, ସାଧୁତା, ସତ୍ୟବାଦିତା ଓ ନିର୍ଭୀକତାକୁ ମୁଁ ସମ୍ମାନ ଦିଏଁ । ତାଙ୍କ ଲେଖା ବୌଦ୍ଧିକତାର ପୁଷ୍ଟି ଓ ମାନବ ଜାତିର ମଂଗଳ ପାଇଁ ଉଦ୍ଦିଷ୍ଟ ହେଉ, ଏହା ହିଁ ମୋର କାମନା ।

ଶ୍ରୀମତୀ ଶାନ୍ତିଲତା ଜେନା

Digitized by PPRACHIN, SOA

ଯେ ପକ୍ଷୀ ଉଡ଼େ ଯେତେଦୂର

ସମ୍ମାନନୀୟ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ଜେନା ମହୋଦୟ ଜଣେ ଅତ୍ୟନ୍ତ ଉଦାରପ୍ରାଣ, ମିଷ୍ଟଭାଷୀ, ସରଳ, ସାଧୁ ପ୍ରକୃତିର ସ୍ୱଳ୍ପବାକ୍ ଭଦ୍ର ମଣିଷ । ମୁଁ ତାଙ୍କ ପରିଚୟରେ ଆସିଥିଲି, ସେ ଯେତେବେଳେ କାଳିଚରଣ ହାଇସ୍କୁଲ, ଶ୍ରୀରାମପୁରର ପ୍ରଧାନ ଶିକ୍ଷକ ଥିଲେ । ତାଙ୍କର ସଦା ହସ ହସ ମୁଖମଣ୍ଡଳ ଓ ମଧୁର ଆଚରଣରେ ମୁଁ ଅତ୍ୟନ୍ତ ମୁଗ୍ଧ ହୋଇଥିଲି ।

ପରବର୍ତ୍ତୀ ସମୟରେ ବାଲିଆପାଳରେ ଏକ ସାହିତ୍ୟିକ ବାତାବରଣ ସୃଷ୍ଟି ହେଲା । ଭିନ୍ନ ଭିନ୍ନ ସ୍ଥାନରେ ରହି କାର୍ଯ୍ୟ କରୁଥିବା କିଛି ଅବସରପ୍ରାପ୍ତ ବ୍ୟକ୍ତି ବିଶେଷ ଏକାଠି ହେବାର ସୁଯୋଗ ସୃଷ୍ଟି ହେଲା । ଗଢ଼ା ହେଲା, 'ଜଗନ୍ନାଥ ସେବା ସଂସ୍ଥା' । ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନଙ୍କ ବାସଗୃହଠାରେ ଏହି ବଂଧୁମାନେ ସମୟ ସମୟରେ ଏକାଠି ହେଉଥିଲେ । ସମାଜସେବା, ସାହିତ୍ୟ ସାଧନା, ଆଧ୍ୟାତ୍ମିକ ଚିନ୍ତନ, ସାହିତ୍ୟ ସଭା, ସାହିତ୍ୟ ପତ୍ରିକା ପ୍ରକାଶନ ଇତ୍ୟାଦି ସୁମହତ କାର୍ଯ୍ୟକ୍ରମମାନ ସେମାନେ ଚିନ୍ତାକଲେ । କାଳକ୍ରମେ ସମଚିନ୍ତାଶୀଳ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ହେବାକୁ ଲାଗିଲା । ମୁଁ ମଧ୍ୟ ସୁଯୋଗବଶତଃ ଯୋଡ଼ି ହୋଇଗଲି । ଏହି ଅବସରରେ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ଜେନା ମହୋଦୟଙ୍କ ସହିତ ଅଧିକ ମିଶିବାର ସୁଯୋଗ ଲାଭ କଲି ।

Digitized by PPRACHIN, SOA

ମୋ ଜାଣିବାରେ ଶ୍ରୀଯୁକ୍ତ ଜେନା ମହୋଦୟ କେବଳ ବର୍ଷକରେ ଥରେ ପ୍ରକାଶ ପାଉଥିବା 'ଆମ ଗୌରବ' ପତ୍ରିକା ନିମନ୍ତେ ଜଗନ୍ନାଥ ବାବୁଙ୍କ ଅନୁରୋଧରେ ଗୋଟିଏ ଲେଖା ପ୍ରକାଶ ପାଇଁ ଦେଇଥାନ୍ତି । ତାହା ଅନେକ ସମୟରେ କବିତାଟିଏ ଥାଏ । ପରେ ଗୋଟିଏ ଦୁଇଟି ପ୍ରବଂଧ ବରିଷ୍ଠ ନାଗରିକ ସଂଘ, ବାଲିଆପାଳର ମୁଖପତ୍ର ପାଇଁ ଦେବାର ମୁଁ ଦେଖିଛି ।

ମାତ୍ର ଲେଖାଲେଖି ପାଇଁ ତାଙ୍କ ହୃଦୟ ମଧ୍ୟରେ ଯେ ଏକ ଉଚ୍ଛଳ ଭାବନାର ସ୍ରୋତ ପ୍ରବାହିତ ହେଉଥିଲା, ତାହା ସେ କାହାରିକୁ ଜାଣିବାକୁ ଅବକାଶ ଦେଇନଥିଲେ । ସେ ଯେ ଏତେ ସୁନ୍ଦର ଭାଷା ଓ ଶୈଳୀ ଆଧାରରେ କିଛି ଲେଖି ପାରନ୍ତି, ତାହା ମୁଁ ତାଙ୍କ ଲିଖିତ ଏବଂ ଉକ୍ତ ପୁସ୍ତକ ସନ୍ନିବିଷ୍ଟ ୧୫ ଗୋଟି ପ୍ରବଂଧ ପାଠକରି ଅବଗତ ହେଲି । ଶ୍ରୀଯୁକ୍ତ ଜେନା ମହୋଦୟ ଯେ ଏତେ ଶାଳୀନ ଭାଷାରେ, ରୁଚିକର ବର୍ଣ୍ଣାଢ଼୍ୟ ଶୈଳୀରେ ଏବଂ ଗାଣିତିକ ଶବ୍ଦ ବିନ୍ୟାସ ଢ଼ାଞ୍ଚାରେ ସୁନ୍ଦର ପ୍ରବଂଧମାନ ଲେଖିପାରନ୍ତି, ତାହା ପାଠକରି ମୁଁ ଅଭିଭୂତ ହୋଇ ପଡ଼ିଥିଲି । ପନ୍ଦରଟି ଯାକ ପ୍ରବଂଧ ଭିନ୍ନ ଭିନ୍ନ ବିଷୟବସ୍ତୁ ସମ୍ବଳିତ ସଂପୂର୍ଣ୍ଣଭାବେ ମୌଳିକ ରଚନା । ଏଥିରେ ସାହିତ୍ୟ, ପୁରାଣ, ଇତିହାସ, ଭୂଗୋଳ, ସମାଜବ୍ୟବସ୍ଥା ସମ୍ବଳିତ ସ୍ୱତନ୍ତ୍ର ସ୍ୱତନ୍ତ୍ର ପ୍ରବଂଧ ଥିବାରୁ ଓ ପ୍ରବଂଧଗୁଡ଼ିକ ସୂକ୍ଷ୍ମ ଚିନ୍ତା ଓ ଚେତନାକୁ ଆଧାର କରି ରଚିତ ହୋଇଥିବାରୁ ଏବଂ ପ୍ରବଂଧଗୁଡ଼ିକ କ୍ଷୁଦ୍ର କଳେବର ବିଶିଷ୍ଟ ହୋଇଥିବାରୁ ପାଠକଙ୍କୁ ମୁଗ୍ଧ କରିବାକୁ ସମର୍ଥ । ଅନେକ ପ୍ରବଂଧ ମଧ୍ୟ ସାଧାରଣ ପାଠକର ଅଜ୍ଞାତ ବିଷୟବସ୍ତୁକୁ ନେଇ ରଚିତ । 'ନର୍ତ୍ତକୀର ନିର୍ବାଣ', 'ଉର୍ବଶୀର ଅଭିଶାପ', 'ଦ୍ରୌପଦୀଙ୍କ ଶେଷଯାତ୍ରା' ପ୍ରବଂଧ ତ୍ରୟ ପୌରାଣିକ କଥାବସ୍ତୁ ଆଧାରିତ । 'ପ୍ରାଚ୍ୟର ବୈଜୟନ୍ତୀ', 'ଶହୀଦ ଉଧମ ସିଂ', 'ଓଡ଼ିଶାରେ ବ୍ରିଟିଶ୍‌ରାଜ' ପ୍ରବଂଧମାନ ଐତିହାସିକ ଘଟଣାର ମାର୍ମିକ ଅଭିବ୍ୟକ୍ତି । 'ପ୍ରେମର ପରାକାଷ୍ଠା', 'ସ୍କଟିସ୍ ତରୁଣୀ' ପ୍ରବଂଧ ଦୁଇଟି ଦୁଇ ବିଶିଷ୍ଟ ଇଂରାଜୀ କବି ଉଆର୍ଡ଼ସ ୱାର୍ଥ ଏବଂ ରବର୍ଟ ବ୍ରାଉନିଂଙ୍କ ଜୀବନ ଚରିତର ଗୋଟିଏ ଗୋଟିଏ ଘଟଣା। 'ଇଞ୍ଚକେପ୍ ରକ୍' ମଧ୍ୟ ଏକ ଇଂରାଜୀ କବିତା ଆଧାରରେ ରଚିତ । 'ମାଷ୍ଟ୍ରେଙ୍କ ଉଠ୍‌ବସ୍', 'ବଂଧୁ ହେବ ଏପରି' ଏବଂ 'ମାଟିର ମହକ' ପ୍ରବଂଧ ତିନୋଟି ସତ୍ୟ ଘଟଣାର ଅଶ୍ଳୀଳ ଅଭିବ୍ୟକ୍ତି 'ମୋ ଗାଁ, ମୋ ମାଟି' ଜନ୍ମମାଟିର ଅଲିଭା ସ୍ୱାକ୍ଷର ଏବଂ 'ସଂଚୟ' ତଥା 'କୈଶୋରର

Digitized by PPRACHIN, SOA

ବିଳାପ' ପ୍ରବଂଧ ଦୁଇଟି ସାମାଜିକ ପୃଷ୍ଠଭୂମିର ମୌଳିକ ରୂପାନ୍ତର । ପ୍ରବଂଧଗୁଡ଼ିକର ଭାଷା ଅତ୍ୟନ୍ତ ମାର୍ଜିତ, ସ୍ୱଚ୍ଛ, ଶିକ୍ଷଣୀୟ ଏବଂ ସୂକ୍ଷ୍ମ ବିଚାର ବିନ୍ୟାସର ନିର୍ଯ୍ୟାସ । ପୁଣି ପ୍ରତ୍ୟେକଟି ପ୍ରବଂଧରେ ବହୁ ସ୍ମରଣ ରଖିବା ଭଳି ବାକ୍ୟର ଆଳଂକାରିକ ପ୍ରୟୋଗ ବେଶ୍ ମନ ଛୁଏଁ ।

ପ୍ରବଂଧଗୁଡ଼ିକର ଭାଷା ସଂଯୋଜନା ଅତ୍ୟନ୍ତ ଚିତ୍ତାକର୍ଷକ । ଅନାବଶ୍ୟକ ଶବ୍ଦର ପ୍ରୟୋଗ ନାହିଁ, ଅତିରଂଜନ ନାହିଁ, ପାଠକ ଅଯଥା ଭାରାକ୍ରାନ୍ତ ହେବାର କିଛି ହିଁ ନାହିଁ । ଲେଖକ ତାଙ୍କ ଭାବପ୍ରକାଶ ପାଇଁ କେମିତି ପୁଷ୍ପିଳ ଶବ୍ଦ ସଂଯୋଜନା କରି ପାଠକଙ୍କୁ ଆକର୍ଷିତ କରିପାରନ୍ତି, ତାର ଏକ ନମୁନା ଦେଖାଯାଉ ।

"ତପସ୍ୱୀଙ୍କ ଦର୍ଶନ ଓ ବଚନରେ ତରୁଣୀ ନର୍ତ୍ତକୀଙ୍କ ଅବଚେତନ ଚୈତନ୍ୟରେ ମାତୃତ୍ୱର ମହିମା ଉଚ୍ଛ୍ୱାସ ସଂଜୀବିତ ହୋଇଉଠିଲା । ପ୍ରାଣତନ୍ତ୍ରୀର ଗଦ୍‌ଗଦ୍ ସ୍ପନ୍ଦନରେ ସତେଅବା ମନ୍ଦାକିନୀର ଧରାବତରଣ ଘଟିଲା ସଗରବଂଶର ମୁକ୍ତି ପାଇଁ ।" –

(ନର୍ତ୍ତକୀର ନିର୍ବାଣ)

କେତେ ଅଳ୍ପକଥାରେ କେତେ ବିଶାଳ ଦୃଶ୍ୟକୁ ଶବ୍ଦ ରଜ୍ଜୁରେ ବାଂଧି ରଖା ଯାଇପାରେ, ତା'ର ଗୋଟିଏ ଛୋଟ ଉଦାହରଣ ଏଇପରି –

"ପ୍ରକୃତିର ବସନ୍ତରାଗ କୋଇଲିର କୁହୁତାନରେ ଅଧିକ ପ୍ରାଣବନ୍ତ ।"

ବସନ୍ତ ଋତୁର ବିପୁଳ ପ୍ରାକୃତିକ ବର୍ଣ୍ଣନାର ଆବଶ୍ୟକତାକୁ ଏହି ଛୋଟ ବାକ୍ୟଟି ସୁନ୍ଦରଭାବେ ପରିପୂରଣ କରିବାକୁ ସମର୍ଥ ।

ବିଶେଷତଃ ତାଙ୍କ ପ୍ରବଂଧର କ୍ଷୁଦ୍ର କଳେବର ମଧ୍ୟରେ ସେ ଯଥାର୍ଥ ବାକ୍ୟଗୁଡ଼ିକର ସୁବିନିଯୋଗ କରିପାରିଛନ୍ତି, ଯାହା ଖୁବ୍ ଶିକ୍ଷଣୀୟ, ସ୍ମରଣୀୟ, ଆପ୍ତବାକ୍ୟ ପରି ବେଶ୍ ଉପଦେଶାତ୍ମକ, ପ୍ରୟୋଗାତ୍ମକ ଏବଂ ଉଦ୍ଧୃତିର ଅବକାଶ ସୃଷ୍ଟି କରିବ । ଦୁଇ-ଚାରୋଟି ଉଦାହରଣ ନିମ୍ନରେ ଉଦ୍ଧାର କରୁଛି ।

୧) କାମନା, ବାସନା ଓ ଇନ୍ଦ୍ରିୟ ଲାଳସା ତ୍ୟାଗ କରି ଜୀବ ବିବେକର ଆଶ୍ରୟ ନେଲେ, ଜୀବନ୍ମୁକ୍ତ ହୁଏ ।

Digitized by PPRACHIN, SOA

୨) ଉଦ୍‌ବିଗ୍ନତା ଓ ଚିନ୍ତାର ସହିତ ସଂଗୃହୀତ ଧନସଂପଦ ସଂଗ୍ରହକାରୀ ପକ୍ଷରେ ବିନାଶର କାରଣ ହୋଇଥାଏ ।

୩) ଅନ୍ୟାୟ ଅଭିଶାପ ଅଭିଶପ୍ତକୁ ବରପ୍ରଦ ହୋଇଥାଏ ।

୪) ଉଦାର ହୃଦୟ ମାନବପ୍ରେମୀ ମହତ ଲୋକଙ୍କର ମହନୀୟ କାର୍ଯ୍ୟର ପ୍ରଭାବ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ତସ୍କରମାନଙ୍କ ଉପରେ ପଡ଼ିନଥାଏ ।

୫) ସୃଷ୍ଟିର ନିୟମ, ସାଧୁ ପୁରସ୍କୃତ ହେବେ, ଦୁଷ୍କୃତକାରୀ ଦଣ୍ଡିତ ହେବେ ।

ଅଧିକ ଉଦାହରଣ ନିଷ୍ପ୍ରୟୋଜନ । ଏହିପରି ମହତ୍ ବାଣୀରେ ସମାଜ ସଂସ୍କାରର ପ୍ରୟାସ କରିଛନ୍ତି ଲେଖକ । ଭାଗବତରେ ଗୋଟିଏ ବାଣୀ ଅଛି –

"ଯେ ପକ୍ଷୀ ଉଡ଼େ ଯେତେ ଦୂର
ସେ ଜାଣେ ତାହାର ବେଭାର ।"

ବାସ୍ତବିକ୍ ଶ୍ରୀଯୁକ୍ତ ଜେନାଙ୍କର ମନପକ୍ଷୀ ବହୁଦୂର ଦୂରାନ୍ତରକୁ ଉଡ଼ିଯାଇଛି, ବହୁ-ସୁଦୂରପ୍ରସାରୀ ଦର୍ଶନର ସନ୍ଧାନ ପାଇଛି । ଫଳରେ ଜ୍ଞାନର ଆଲୋକରେ ଉଦ୍‌ଭାସିତ ହୋଇଛନ୍ତି ସେ, ଯାହା ତାଙ୍କର ରଚନାର ଛତ୍ରେ ଛତ୍ରେ ପ୍ରତିଫଳିତ । ପାଠକେ ନିଶ୍ଚିତ ଭାବରେ ଏହିପରି ଏକ ସାରଗର୍ଭକ, ସୂକ୍ଷ୍ମ ଚେତନା ସମ୍ବଳିତ, ମନନଭିତ୍ତିକ ଏବଂ ଚିତ୍ତବିନୋଦନକାରୀ ମନସ୍ତାତ୍ତ୍ୱିକ ପ୍ରବଂଧ ପୁସ୍ତକ ପାଠକରି ଅନେକ ବିଷୟ ଜ୍ଞାତ ହେବେ ଏବଂ ପାଠକମାନଙ୍କ ଉପରେ ଏହାର ଦୀର୍ଘସ୍ଥାୟୀ ପ୍ରଭାବ ରହିବ ବୋଲି ମୋର ବିଶ୍ୱାସ ।

ବ୍ରଜେନ୍ଦ୍ର ନାଥ ଗିରି
ପାଳବେଗୁନିଆଁ, ବାଲେଶ୍ୱର-୨୩
ମୋ - ୯୨୩୮୮୧୬୬୧୬

Digitized by PPRACHIN, SOA

ନିଜ କଥା

ଶିକ୍ଷକତାରୁ ଅବସର ନେଲି ୩୧.୧୨.୧୯୯୫ ମସିହାରେ । ଇତି ମଧ୍ୟରେ ୨୦ବର୍ଷ ଅତିବାହିତ ହେଲାଣି । ଲେଖିବାକୁ ଓ ପଢ଼ିବାକୁ ଅନେକ ସୁଯୋଗ ଥିଲା, କିନ୍ତୁ ମୁଁ ତା'ର ସଦୁପଯୋଗ କରିପାରିନି । ଏବେ କିନ୍ତୁ ମନହେଲା କିଛି ଲେଖିବି । ଲେଖିବାର ପ୍ରେରଣାଟା ପାଇଲି ବଂଧୁ ମହଲରୁ । ଆମେ ଚାରିବଂଧୁ, ଅଗ୍ରଜ ପ୍ରତୀମ ବିଶିଷ୍ଟ ସାରସ୍ୱତ ସାଧକ ଶ୍ରୀଯୁକ୍ତ କୁମାର ଚକ୍ରବର୍ତ୍ତୀ, କବି ଓ ଜ୍ୟୋତିର୍ବିଦ ପ୍ରିୟବଂଧୁ ତ୍ରିଲୋଚନ ପଣ୍ଡା, ଅନୁଜ ପ୍ରତୀମ କବି ଓ ଆଧ୍ୟାତ୍ମବାଦୀ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ ଓ ମୁଁ ବାଲିଆପାଳର ପବିତ୍ର ସତ୍‌ସଂଗକେନ୍ଦ୍ର ପରିସରସ୍ଥ ଜଗନ୍ନାଥ ସେବାସମ୍ପାର ବାରଣ୍ଡା ସଂଲଗ୍ନ ଚମ୍ପା ଗଛ ଛାଇରେ ବସି ବୌଦ୍ଧିକ ଓ ସାମାଜିକ ସ୍ଥିତି କଥା ଆଲୋଚନା କରୁଁ । ବଂଧୁମାନେ ସ୍ୱରଚିତ କବିତା, ଗଳ୍ପ ଓ ରମ୍ୟରଚନା ପଢ଼ି ଶୁଣାନ୍ତି । ମୁଁ ଶୁଣେ ଓ ଆନନ୍ଦ ଲାଭ କରେ । ସେମାନେ ମୋତେ କିଛି ଲେଖିବାକୁ ପ୍ରେରଣା ଦିଅନ୍ତି । ଶେଷରେ ମନହେଲା କିଛି ଲେଖିବି । ଜଣାରୁ ଅଜଣାକୁ ଗଲାପରି ପ୍ରଥମେ କିଛି ଭିତ୍ତିଭୂମି, ବିଷୟବସ୍ତୁ ଓ ଚରିତ୍ରମାନଙ୍କୁ ଆଗରେ ରଖି ଶବ୍ଦ ସଂଯୋଜନା ପ୍ରତି ସତର୍କ ରହି ପାଠକମାନଙ୍କ ଗ୍ରହଣୀୟ ହେଲାଭଳି ସତ୍ୟ ଓ ବାସ୍ତବ ତଥ୍ୟକୁ ନେଇ ଲେଖା ଆରମ୍ଭ କଲି । ବଂଧୁମାନଙ୍କୁ ବେଳେବେଳେ ଲେଖା ପାଠକରି ଶୁଣାଏଁ ଓ ସେମାନଙ୍କ ମନ୍ତବ୍ୟକୁ ସମ୍ମାନ ଦିଏ ।

ସାତ ଆଠଟି ବିଷୟ ଲେଖିବା ପରେ ସେ ଗୁଡ଼ିକୁ ଏକ ପୁସ୍ତକ ଆକାରରେ ସଂକଳିତ କରିବାର ମନ ହେଲା । ଏକଥା ବଂଧୁ ଜଗନ୍ନାଥ ବାବୁଙ୍କୁ କହିଲି । ସେ କହିଲେ ଏ ବିଷୟରେ ବିଶିଷ୍ଟ ଲେଖକ ଓ ପ୍ରକାଶକ ଶ୍ରୀଯୁକ୍ତ ବ୍ରଜେନ୍ଦ୍ର ନାଥ ଗିରିଙ୍କ ପରାମର୍ଶ ନିଅନ୍ତୁ, ସେ ନିଶ୍ଚୟ ସାହାଯ୍ୟ କରିବେ । ସଂଯୋଗ ବଶତଃ ସେହିଦିନ ଶ୍ରୀଯୁକ୍ତ ଗିରିଙ୍କ ସହିତ ସାକ୍ଷାତ ହେଲା ଓ ସେ ଆନନ୍ଦିତ ହୋଇ ମୁଦ୍ରଣର ସମସ୍ତ ଦାୟିତ୍ୱ ଗ୍ରହଣ କଲେ । ସେ ପରାମର୍ଶ ଦେଲେ ଅନ୍ତତଃ ପନ୍ଦରଟା ପର୍ଯ୍ୟନ୍ତ ଲେଖା ଦେଲେ ଭଲ ପୁସ୍ତକଟିଏ ବାହାରି ପାରିବ । ମୁଁ ସେତିକି କରିବାକୁ ଚେଷ୍ଟା କରିବି ବୋଲି ତାଙ୍କୁ କହିଲି । ମନରେ ଅସୀମ ଆନନ୍ଦ । ତାଙ୍କ ପ୍ରତି କୃତଜ୍ଞତାରେ ମୁଣ୍ଡ ନଇଁଗଲା । ସମ୍ମାନର ସହ ତାଙ୍କଠାରୁ ବିଦାୟ ନେଇ ଲେଖା ପ୍ରସ୍ତୁତିରେ ଲାଗିଗଲି । ୧୫ଟି ଲେଖାରେ ଏଇ ପୁସ୍ତକଟି ଆତ୍ମପ୍ରକାଶ କରୁଛି । ଏହା ପାଠକମାନଙ୍କୁ କେତେ ଦୂର ରୁଚିକର ହେବ, ତାହା ବିଦଗ୍ଧ ପାଠକମାନେ ହିଁ କହିବେ ।

ବିନୀତ

ଲେଖକ

Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
ନର୍ତ୍ତକୀର ନିର୍ବାଣ	୧୧
ମାଷ୍ଟ୍ରେଙ୍କ ଉଠବସ୍	୧୫
ପ୍ରାଚ୍ୟର ବୈଜୟନ୍ତୀ	୧୯
ଉର୍ବଶୀର ଅଭିଶାପ	୨୩
ମାଟିର ମହକ	୨୭
ପ୍ରେମର ପରାକାଷ୍ଠା	୩୦
ମୋ ଗାଁ, ମୋ ମାଟି	୩୩
ସ୍କଟିସ୍ ତରୁଣୀ	୩୭
ଶହୀଦ୍ ଉଧମ ସିଂ	୪୦
ଇଞ୍ଚ୍‌କେପ୍ ରକ୍	୪୪
ଦ୍ରୌପଦୀଙ୍କ ଶେଷଯାତ୍ରା	୪୭
ଓଡ଼ିଶାରେ ବ୍ରିଟିଶ୍ ରାଜ୍	୫୦
ସଂଚୟ	୫୬
କୈଶୋରର ବିଳାପ	୫୯
ବଂଧୁ ହେବ ଏପରି	୬୨

Digitized by PPRACHIN, SOA

ନିର୍ଭୀକର ନିର୍ବାଣ

ଦାର୍ଜିଲିଂ ହିମାଚଳର ଏକ ସ୍ନିଗ୍ଧଶୀତଳ ମନୋହର ସହର । ପ୍ରକୃତିର ଶୋଭାର ପସରା । ସିଦ୍ଧ ସାଧକଙ୍କ ତପସ୍ୟାର ପ୍ରଭାବ ମଧ୍ୟ ସେଠାରେ ଅନୁଭୂତ । ତରୁଣ ତପସ୍ୱୀ ସ୍ୱାମୀ ରାମ ସ୍ନାତକୋତ୍ତର ମନୋବିଜ୍ଞାନର ଛାତ୍ର । ଦାର୍ଜିଲିଂ ସଂଲଗ୍ନ ସବୁଜ ବନାନୀରେ ସାଧନାରତ । ଗୁରୁ ନିର୍ଦ୍ଦେଶିତ ସମୟ ଏକଚାଳିଶ ଦିନ ଅତିକ୍ରମ ଅନ୍ତେ ସାଧକ ସାଧନାର ମହତ୍ତର ଅନୁଭୂତି ଉପଲବ୍ଧି କରିବେ ।

ସାଧକ ସିଦ୍ଧାସନରେ ତରୁତଳେ ଉପବିଷ୍ଟ । ନିକଟରେ ସ୍ୱଚ୍ଛତୋୟା ସ୍ରୋତସ୍ୱିନୀର କଳ କଳ ସ୍ୱର । ପ୍ରାକୃତିକ ଆବେଷ୍ଟନୀର ନୈସର୍ଗିକ ଶୋଭା ସାଧକଙ୍କୁ ଅତିନ୍ଦ୍ରିୟ ଜଗତର ଅନୁଭୂତିରେ ଅଭିନିବିଷ୍ଟ କରିଥାଏ । ଧର୍ମ, ଧୈର୍ଯ୍ୟ ଓ ସାହସ ବ୍ୟକ୍ତିକୁ ଲକ୍ଷ୍ୟର ନିକଟତର କରିଥାଏ । ଏକ, ଦୁଇ, ତିନି କରି ସାଧନାର ଅଣଚାଳିଶ ଦିନ ଅତିବାହିତ ହେଲା। ବିଶେଷ ଅନୁଭୂତିର କୌଣସି ଲକ୍ଷଣ ସାଧକଙ୍କର ଅନୁଭବରେ ଆସିଲା ନାହିଁ । ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲା । ଗୁରୁଙ୍କର ନିର୍ଦ୍ଦେଶ ଉପରେ ସନ୍ଦେହର ପ୍ରଶ୍ନବାଚୀ । ଅନ୍ତରରେ ଉଚିତ୍ ଅନୁଚିତର ଝଡ଼ । ଧୈର୍ଯ୍ୟର

Digitized by PPRACHIN, SOA

ଅଭାବରେ ମଣିଷ କର୍ତ୍ତବ୍ୟଚ୍ୟୁତ ହୁଏ । ତାହା ହିଁ ହେଲା ସାଧକଙ୍କ କ୍ଷେତ୍ରରେ । ସେ ସାଧନା ଛାଡ଼ି ସହର ଅଭିମୁଖେ ପାଦ କାଢ଼ିଲେ । ମନ ଓ ବିବେକର ଲଢ଼େଇ, ପାଦର ଗତି ଅସ୍ଥିର । ସାଧକ ପହଞ୍ଚିଲେ ସହର ଉପକଣ୍ଠରେ । ହଠାତ୍ ନୂପୁରର ନିକ୍ୱଣ ଓ ସଂଗୀତର ଲଳିତ ମୂର୍ଚ୍ଛନା ସନ୍ୟାସୀଙ୍କ କର୍ଣ୍ଣଗୋଚର ହେଲା । ଅଧ୍ୟାତ୍ମବାଦୀ ସ୍ୱାମୀଜୀଙ୍କ ପାଦ ସ୍ଥିର ହେଲା । ତାଙ୍କ କର୍ଣ୍ଣ ଉତ୍କୀର୍ଣ୍ଣ ହେଲା ସଂଗୀତର ସାରମର୍ମ ପ୍ରତି ସାର ମର୍ମ ଥିଲା, "କାମ ବହୁତ ବାକି ସରଇ କାହିଁ, ଜୀବନ ଦୀପ ଲିଭିଲିଭି ଆସଇ ।" ଯୋଗୀଙ୍କର ମନେହେଲା ଗୁରୁଙ୍କର ନିର୍ଦ୍ଦେଶ ଅବହେଳା ପାଇଁ ତବଲାର ତାନ-ଧିକ୍ ଧିକ୍ କରି ତାଙ୍କୁ ତିରସ୍କାର କରୁଛି । ବିବେକ ତାଙ୍କୁ ଦଂଶନ କରୁଛି । ମନ ଓ ଶରୀର ଅବସନ୍ନ । ସନ୍ନ୍ୟାସୀ ଅନୁତାପ କଲେ । ଅବଶିଷ୍ଟ ଦୁଇ ଦିନର ସାଧନାପାଇଁ ପୂର୍ବ ସ୍ଥାନକୁ ଫେରି ଆସିଲେ ଓ ସାଧନାରେ ମଗ୍ନ ହେଲେ । ଏକଚାଳିଶ ଦିନ ସାଧନା ପରେ ସିଦ୍ଧି ଲାଭର ଅପୂର୍ବ ପୁଲକରେ ପୁଲକିତ ହୋଇଉଠିଲେ । ଗୁରୁଙ୍କର ନିର୍ଦ୍ଦେଶ ଥିଲା, "ଜଗତର କଲ୍ୟାଣରେ ନିଜକୁ ସାମିଲ କର । ବ୍ୟକ୍ତିର ଚିନ୍ତା ଓ ଚେତନାର ଉତ୍ତରଣରେ ସହାୟକ ହୁଅ ।"

ସ୍ୱାମୀ ରାମ ପ୍ରସନ୍ନ ଚିତ୍ତରେ ପାଦ ବଢ଼ାଇଲେ ଗାଇକାଙ୍କ ଗୃହାଭିମୁଖେ । ତରୁଣୀ ଥିଲେ ସୁନ୍ଦରୀ, ଉଚ୍ଚକୋଟିର ଗାୟିକା ଓ ନର୍ତ୍ତକୀ । ତାଙ୍କର ନୃତ୍ୟ ଓ ଗୀତରେ ମତୁଆଲା ହୋଇଉଠୁଥିଲେ ନଗରୀର ଧନାଢ଼୍ୟ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ । ପତିତାଭାବେ ନର୍ତ୍ତକୀର ଅପଖ୍ୟାତି ମଧ୍ୟ ଥିଲା । ତପସ୍ୱୀ ସ୍ୱଚ୍ଛଳ ଗତିରେ ତରୁଣୀର ନିକଟତର ହେଲେ । ଗୃହାଙ୍ଗନରୁ ନର୍ତ୍ତକୀ କହିଲେ, "ସ୍ୱାମୀଜୀ ଏ ସ୍ଥାନ ତୁମ ପାଇଁ ନୁହେଁ, ତୁମେ ଭ୍ରାନ୍ତିର ବଶବର୍ତ୍ତୀ ହୋଇଛ, ଯାଅ ଫେରିଯାଅ ।" ସନ୍ନ୍ୟାସୀଙ୍କ ନିଷ୍ପତ୍ତି ଥିଲା ଦୃଢ଼ । ସେ କହିଲେ, "ମୁଁ ଠିକ୍ ସ୍ଥାନରେ ପାଦ ଦେଇଛି, ନର୍ତ୍ତକୀ କବାଟ ବନ୍ଦ କଲେ ଏବଂ ସନ୍ୟାସୀଙ୍କୁ ନିଜ ସ୍ଥାନକୁ ଫେରିଯିବା ପାଇଁ କହିବାକୁ ରକ୍ଷୀଙ୍କୁ ନିର୍ଦ୍ଦେଶ ଦେଲେ । ରକ୍ଷୀ ଅନ୍ନଦାତ୍ରୀଙ୍କ ଆଜ୍ଞାପାଳନ କରି ଫେରିଯିବାକୁ ତପସ୍ୱୀଙ୍କୁ ନିବେଦନ କଲେ । ସନ୍ୟାସୀ କହିଲେ ନା, "ମୁଁ ଠିକ୍ ସ୍ଥାନକୁ ଆସିଛି । ମୁଁ ତାଙ୍କୁ ଦେଖା କରିବାକୁ ଚାହେଁ, ସେ ମୋ ମାଆପରି । ତାଙ୍କର ସମୟୋଚିତ ଦିଗ୍‌ଦର୍ଶନ ମୋର ସାଧନାରେ ସିଦ୍ଧି ଆଣିଦେଇଛି, ମୁଁ ତାଙ୍କ ନିକଟରେ କୃତଜ୍ଞ । ଗୃହାଭ୍ୟନ୍ତରରୁ ନୃତ୍ୟାଙ୍ଗନା ତପସ୍ୱୀଙ୍କ ଜୀବନ ଉନ୍ମେଷକାରୀ ବକ୍ତବ୍ୟ

Digitized by PPRACHIN, SOA

ଶୁଣିଲେ । ପ୍ରାଣ ତନ୍ତ୍ରୀରେ ଅପୂର୍ବ ଉନ୍ମାଦନା। କବାଟ ଖୋଲିଲେ ନର୍ତ୍ତକୀ, ଦୃଷ୍ଟି ନିବଦ୍ଧ ହେଲା ସନ୍ୟାସୀଙ୍କ ସାଧନାସିକ୍ତ ଶରୀର ଉପରେ ।

ପ୍ରେମାପ୍ଲୁତ କଣ୍ଠରେ କହିଲେ ତପସ୍ୱୀ, "ଦେବୀ, ତୁମେ ଠିକ୍ ମୋ ମାଆ ଭଳି ।" ତପସ୍ୱୀଙ୍କ ଦର୍ଶନ ଓ ବଚନରେ ତରୁଣୀ ନର୍ତ୍ତକୀଙ୍କ ଅବଚେତନ ଚୈତନ୍ୟରେ ମାତୃତ୍ୱର ମହିମା ଉଚ୍ଛ୍ୱାସ ସଂଜୀବିତ ହୋଇ ଉଠିଲା । ପ୍ରାଣ ତନ୍ତ୍ରୀର ଗଦ୍‌ଗଦ୍ ସ୍ପନ୍ଦନରେ ସତେଅବା ମନ୍ଦାକିନୀର ଧରାବତରଣ ଘଟିଲା ସଗର ବଂଶର ମୁକ୍ତିପାଇଁ । ନୃତ୍ୟାଙ୍ଗନା କହିଲେ, "ମହାମହିମ ! ମୁଁ କେବଳ ଆପଣଙ୍କ ମାଆ ନୁହେଁ, ବହୁ ଆକାଂକ୍ଷିତ ଆମ୍ଭର ମାଆ ହେବାକୁ ପ୍ରୟାସ କରିବି । ତପସ୍ୱୀଙ୍କ ମୁଖମଣ୍ଡଳରେ ପ୍ରଶାନ୍ତିର ଜ୍ୟୋତି । ସଂକ୍ଷିପ୍ତ ଆଲୋଚନା ପରେ ସ୍ଥାନ ଛାଡ଼ିଲେ ସନ୍ନ୍ୟାସୀ, କିନ୍ତୁ ଛାଡ଼ିଗଲେ ତପସ୍ୟାର ପ୍ରାଣସ୍ପର୍ଶୀ ପ୍ରଭାବ।

ଦିନ ଶେଷ, ରାତ୍ରିର କାୟା ପ୍ରସାରିତ । ବଢ଼ି ଚାଲିଲା ନର୍ତ୍ତକୀଙ୍କ ଉଦ୍‌ବେଗ କ'ଣ କରିବେ ? କେଉଁଠାକୁ ଯିବେ । କୋମଳ ଶଯ୍ୟା ଆଜି କଣ୍ଟକିତ । ବିବେକ ଆଜି ପ୍ରଜ୍ଞାର ପ୍ରଭାବରେ ଉର୍ଜ୍ଜସ୍ୱଳ । ଜୀବନର ସଠିକ୍ ଦର୍ଶନରେ ସେ ଆଜି ପ୍ରାଣବନ୍ତ ? ଛାୟାଚିତ୍ର ପରି ଜୀବନ ଅନୁଭୂତିର ପର୍ଦ୍ଦା ଗୋଟିଏ ପରେ ଗୋଟିଏ ଖୋଲି ଯାଉଛି । ଅନୁଭବ କରୁଛନ୍ତି ନର୍ତ୍ତକୀ, ଜୀବନର ମହତ୍ୱ ଭୋଗରେ ନୁହେଁ - ତ୍ୟାଗରେ, ବିଷୟରେ ନୁହେଁ ବୈରାଗ୍ୟରେ । କାମନା, ବାସନା ଓ ଇନ୍ଦ୍ରିୟ ଲାଳସା ତ୍ୟାଗ କରି ଜୀବ ବିବେକର ଆଶ୍ରୟ ନେଲେ ଜୀବନ୍ମୁକ୍ତ ହୁଏ ।

ରାତ୍ରିର ଶେଷ ପ୍ରହର, ତନ୍ଦ୍ରିଳ ଅବସ୍ଥା । ନର୍ତ୍ତକୀ ଦେଖୁଛନ୍ତି ରାତ୍ରିର ଆକାଶରେ ଝିଲ୍‌ମିଲ୍ କରୁଥିବା ଏକ ଆକାଶ ଗଂଗା ତାଙ୍କ ମସ୍ତକୋପରି ଆକାଶରୁ ବିଦ୍ୟାନଗରୀ କାଶୀ ପର୍ଯ୍ୟନ୍ତ ଲମ୍ବିଯାଇଛି । ତାଙ୍କୁ ସଠିକ୍ ଦିଗ୍‌ଦର୍ଶନ ମିଳିଗଲା, ଜୀବନର ଗତି ବଦଳିଗଲା, ଅମା ଅନ୍ଧାର କଟିଗଲା । ଅତି ପ୍ରତ୍ୟୁଷରୁ ନର୍ତ୍ତକୀ ଘରଛାଡ଼ି କାଶୀ ଅଭିମୁଖେ ଯାତ୍ରା କଲେ ।

କାଶୀ ତଟସ୍ଥ ଗଂଗାନଦୀର ଏକ ନୌକାଗୃହରେ ବାସକଲେ ନର୍ତ୍ତକୀ । ନୌକା ଦେହରେ ବଡ଼ ବଡ଼ ଅକ୍ଷରରେ ଲେଖିଦେଲେ "ମୋତେ ସାଧ୍ୱୀବୋଲି ବିଚାର ନ କରିବାକୁ ସମସ୍ତଙ୍କୁ ମୋର ନିବେଦନ, ମୁଁ ଜଣେ ପତିତା ଥିଲି । ଅତୀତ

Digitized by PPRACHIN, SOA

ମୋର କଳଙ୍କିତ । ଏବେ ଜୀବନର ଅର୍ଥ ବୁଝିଛି । ଶ୍ରୀରାମଙ୍କ ନାମକୁ ଆଧାର କରିଛି । ଭାଇମାନେ ଇଚ୍ଛାକଲେ ମୋ ସହିତ ଗଂଗାର ପବିତ୍ର ବାଲୁକା ଶଯ୍ୟାରେ ବସି ପାରନ୍ତି ଓ ରାମ ନାମ ଜପ କରିପାରନ୍ତି ।

ପ୍ରତି ସଂଧ୍ୟାରେ ସାଧ୍ୱିକା ନୌକାଗୃହରୁ ଅବତରଣ କରି ନଦୀର ବାଲୁକା ଶଯ୍ୟାରେ ବସି ରାମ ତାରକ ମନ୍ତ୍ର ଜପ କରନ୍ତି । ତାଙ୍କ ଶ୍ରଦ୍ଧାଳୁଙ୍କ ସଂଖ୍ୟା ହଜାର ହଜାର ସଂଖ୍ୟାରେ ବୃଦ୍ଧିଲାଭ କଲା । କ୍ରମେ କ୍ରମେ ଜନମାନସରେ ସାଧ୍ୱିକା ସାଧ୍ୱୀରେ ପରିଣତ ହେଲେ । ବହୁ ଲୋକଙ୍କର ଆଦର୍ଶର କେନ୍ଦ୍ରବିନ୍ଦୁ ହୋଇ ଉଠିଲେ । ତାଙ୍କର ଏକନିଷ୍ଠ ସାଧନା ଓ ତନ୍ମୟଭାବ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ମୁଗ୍ଧ କରୁଥିଲା ।

ଦିନେ ସଂଧ୍ୟାରେ ସମବେତ ଶ୍ରଦ୍ଧାଳୁଙ୍କ ଗହଣରେ ସାଧ୍ୱୀ ଘୋଷଣା କଲେ, "ଆସନ୍ତାକାଲି ପ୍ରଭାତରେ ମୁଁ ସମାଧିସ୍ଥ ହେବି ଓ ନିର୍ବାଣ ପଥର ଯାତ୍ରୀ ହେବି । ମୋର ନିବେଦନ, ମୋର ମରଶରୀରକୁ ଆପଣମାନେ ଗଂଗାନଦୀର ପବିତ୍ର ସଲିଳରେ ମତ୍ସ୍ୟମାନଙ୍କ ଖାଦ୍ୟପାଇଁ ନିକ୍ଷେପ କରିବେ ।"

ତହିଁପରଦିନ ଅତି ପ୍ରତ୍ୟୁଷରୁ ସାଧ୍ୱୀ ସମାଧିସ୍ଥ ହେଲେ । ପୂର୍ବାହ୍ନ ୯ ଘଟିକାରେ ସାଧ୍ୱୀ ଶରୀର ଛାଡ଼ି ନିର୍ବାଣ ଲାଭ କଲେ । ଶ୍ରଦ୍ଧାଳୁଙ୍କ ଆଖିରୁ ଅଶ୍ରୁ ଝରିଲା । ପ୍ରଶଂସାରେ ସମବେତ ଜନତା ଝୁରି ଉଠିଲେ । ଏକ କଳୁଷିତ ଶରୀରର ନିର୍ମଳ ଆତ୍ମା ନିର୍ବାଣ ପଥର ଯାତ୍ରୀ ହେବାର ଅଲିଭାସ୍ମୃତି ରହିଗଲା ।

■ ■

Digitized by PPRACHIN, SOA

ମାଷ୍ଟ୍ରେଙ୍କ ଉଠବସ୍

ଅତୀତର ଅଭିବ୍ୟକ୍ତିକୁ ଯଦି ଇତିହାସର ଆଖ୍ୟା ଦିଆଯାଏ ତେବେ ତାକୁ ଜାଣିବାର ଆଗ୍ରହ ଓ ଆକର୍ଷଣ ଆମର ଅଛି । ଅତୀତର ପରମ୍ପରା, ଶାସନତନ୍ତ୍ର ଓ ସଂସ୍କୃତି କିପରି ଥିଲା, ତାହା ସମୀକ୍ଷା କରିବା ଓ ତଉଲିବାରେ ଆମର ଅଧିକାର ଅଛି । ଐତିହାସିକ ପ୍ରେକ୍ଷାପଟରେ ଏକ ଛୋଟ ଅଥଚ ବେଦନାଦାୟକ ଘଟଣାକ୍ରମ ନିମ୍ନପ୍ରକାର ଥିଲା ।

ବିଂଶ ଶତାବ୍ଦୀର ଚତୁର୍ଥ ଦଶନ୍ଧି । ଆମରାଜ୍ୟ ଓଡ଼ିଶାର ଜନସାଧାରଣ ଦୁଇ ପ୍ରକାର ରାଜନୈତିକ ଶାସନତନ୍ତ୍ରରେ ଶାସିତ ହେଉଥିଲେ । ଉପକୂଳବର୍ତ୍ତୀ ମୋଗଲ ବନ୍ଦିଅଞ୍ଚଳରେ ଇଂରେଜ ଶାସନ ଓ ଗଡ଼ଜାତ ଅଞ୍ଚଳରେ ଦେଶୀୟ ରାଜାମାନଙ୍କର ରାଜତନ୍ତ୍ର । ବାଲେଶ୍ୱର ଜିଲ୍ଲାର ଏକମାତ୍ର ଗଡ଼ଜାତ ଅଞ୍ଚଳ ଥିଲା ନୀଳଗିରି ଓ ସେଠାରେ ରାଜାଥିଲେ ସ୍ୱେଚ୍ଛାଚାରୀ ଶାସକ ।

ରାଜାମାନେ ସାଧାରଣତଃ ଥିଲେ ବିଳାସୀ ଓ ନୃତ୍ୟ ସଂଗୀତ ପ୍ରିୟ । ରାଜ୍ୟର ଦେବାନ ବା ମୁଖ୍ୟ ପ୍ରଶାସକ ଓ ତାଙ୍କର ଅମଲାତନ୍ତ୍ର ଜାଣି ଶୁଣି ନିଜର ସ୍ୱାର୍ଥ ସାଧନ

Digitized by PPRACHIN, SOA

ପାଇଁ ରାଜାଙ୍କୁ ବହୁ ସୁନ୍ଦରୀ ତରୁଣୀଙ୍କ ନୃତ୍ୟ ସଂଗୀତ ତଥା ସଂଗସୁଖ ଲାଭର ସମସ୍ତ ବ୍ୟବସ୍ଥା ଉପଲବ୍ଧ କରାଉଥିଲେ । ଦକ୍ଷ ଓ ଚତୁର ଦେବାନମାନେ ଶାସନର କେନ୍ଦ୍ରବିନ୍ଦୁଥିଲେ । ରାଜ ନଅରଠାରୁ ଦୂରରେ ଶାନ୍ତ ଆରଣ୍ୟକ ପରିବେଶରେ ରାଜାମାନଙ୍କର ଗୋଟିଏ ଗୋଟିଏ ବିଳାସ ବଂଗଳା ଥାଏ । ବଂଗଳାଗୁଡ଼ିକ ମୁଖ୍ୟତଃ ଦୁଇଟି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥାଏ । ପ୍ରଥମଟି ହେଲା ଜଂଗଲୀ ଜୀବଜନ୍ତୁଙ୍କ ଶିକାର ଓ ଦ୍ୱିତୀୟଟି ରାଜ ମହିଷୀ ଓ ଅନ୍ୟ ସୁନ୍ଦରୀ ଲଳନାଙ୍କ ସହ ଏକାନ୍ତ ନିବାସ ।

ନୀଳଗିରି ଦେଶୀୟ ରାଜ୍ୟର ବରହମ୍ପୁର ଏକ ପୋଲିସ ଥାନା । ଏହି ଥାନା ଅନ୍ତର୍ଗତ ଧରମ୍ପୁର ଗ୍ରାମର ଶ୍ରୀଯୁକ୍ତ ରାଧାନାଥ ବେହେରା ଥିଲେ ଜଣେ ପ୍ରାଥମିକ ଶିକ୍ଷକ । ସମସ୍ତେ ତାଙ୍କୁ ଶ୍ରଦ୍ଧାରେ ରାଧାମାଷ୍ଟ୍ରେ ବୋଲି ଡାକନ୍ତି । ଆକାରରେ କ୍ଷୁଦ୍ର ଅବୟବ, କିନ୍ତୁ ଜ୍ଞାନରେ, ନମ୍ରତାରେ, ସାଧୁତାରେ ଓ ସେବାପରାୟଣତାରେ ସେ ଥିଲେ ଜଣେ ଭରପୂର ବ୍ୟକ୍ତିତ୍ୱ । ତାଙ୍କ ଶୋଭନୀୟତା ହିଁ ଥିଲା ତାଙ୍କ ପରିଚୟ । ଶାସନ ଓ ଶୃଙ୍ଖଳା ପାଇଁ ସ୍କୁଲର କୌଣସି ପିଲାପ୍ରତି ସେ କେବେ ହାତ ଉଠାଇ ନାହାଁନ୍ତି କି ବେତ ଟେକି ନାହାନ୍ତି । ବଗିଚାର ମାଳିପରି ସବୁ ପିଲାଙ୍କୁ ସେ ଅନ୍ତର ଭରି ଭଲ ପାଆନ୍ତି ଓ ସମସ୍ତଙ୍କୁ ଉପଯୁକ୍ତ ମଣିଷ କରି ଗଢ଼ିବାପାଇଁ ସାମର୍ଥ୍ୟ ଅନୁସାରେ ପ୍ରୟାସ କରିଥାନ୍ତି । ମନ୍ଦିରର ଦେବତା ହେବା ଅପେକ୍ଷା ସେବାୟତ ହେବାରେ ତାଙ୍କର ଆନନ୍ଦ ଅଧିକ । ତାଙ୍କ ସହିତ ପଦେ କଥା ହେବାକୁ ଲୋକଙ୍କର କେତେ ଆଗ୍ରହ । ଧନ୍ୟ ସେ ମାଷ୍ଟ୍ରେ । ଧନ୍ୟ ତାଙ୍କ ଆଚରଣ ।

ସପ୍ତାହକୁ ଥରେ ଶନିବାର ନୀଳଗିରି ହାଟକୁ ଯିବାଥିଲା ରାଧାମାଷ୍ଟ୍ରେଙ୍କ ଅଭ୍ୟାସ । ସାଥିରେ ଆଉ ଜଣେ ଦି'ଜଣ ସାଂଗ ହୋଇ ଯାଆନ୍ତି । ଊଣେଇଶହ ତେୟାଳିଶ ମସିହା ଏପ୍ରିଲ୍ ମାସ । ବସନ୍ତର ଆଗମନରେ ନୀଳଗିରି ବନାଞ୍ଚଳର ପ୍ରକୃତି ଅପୂର୍ବ ଶୋଭାରେ ରଂଜିତ । ଫୁଲ ଫଳର ସମ୍ଭାର । ପର୍ଣ୍ଣମୋଚୀ ଜଂଗଲର ବିଚିତ୍ର ବର୍ଣ୍ଣାଳୀ । ବେଲ, ମହୁଲ, କେନ୍ଦୁ ଓ ବହୁବିଧ ଜଂଗଲୀ କୋଳିର ମହମହ ବାସନା । ପ୍ରକୃତିର ବସନ୍ତ ରାଗ କୋଇଲିର କୁହୁତାନରେ ଅଧିକ ପ୍ରାଣବନ୍ତ ।

ରାଧାମାଷ୍ଟ୍ରେ ତାଙ୍କ ଅନୁଗତ ଜଗାପଶାକୁ ନେଇ ଚାଲିଛନ୍ତି ନୀଳଗିରି ହାଟକୁ । ସମୟ ପୂର୍ବାହ୍ନ ୧୧ଟାରୁ ଅଧିକ । ମାଷ୍ଟ୍ରେ ଜଗା ସହିତ ହାଟରେ ଉପସ୍ଥିତ ହେଲେ । ହାଟକୁ ଲାଗି ସ୍ୱଚ୍ଛ ନିରୀ, ଶଂକରା ଖୁଣ୍ଟା ପୋଖରୀ । ପୋଖରୀରେ ହାତଗୋଡ଼

Digitized by PPRACHIN, SOA

ଧୋଇ ମୁହଁରେ ପାଣି ମାରି ହାଟ ଚାଲିଲେ ବିଶ୍ରାମ ନେଲେ । ପଥକ୍ଳାନ୍ତିର ଉପଶମ ପରେ ସେମାନେ ହାଟ ବୁଲି ବାହାରିଲେ । ପ୍ରଥମ ଆକର୍ଷଣ ଥିଲା ନୀଳଗିରିର ଲେମ୍ବୁ-ଲୁଣ-ଚିନି ସରବତ୍ । ଗିଲାସେ ଗିଲାସେ ସରବତ୍ ପିଇ ତୃପ୍ତ ହେଲେ ।

ନୀଳଗିରିର ସାଂସ୍କୃତିକ ପରମ୍ପରା ଖୁବ୍ ଉନ୍ନତ । ସାଧାରଣ ଜନତା ସୁଶୀଳ, ଶିଷ୍ଟାଚାରୀ, ସ୍ନେହୀ ଓ ପରୋପକାରୀ । ସାହାଯ୍ୟ କରିବା ସେମାନଙ୍କ ଜୀବନରଧର୍ମ । ଅନ୍ୟର କ୍ଷତିକୁ ସେମାନେ ନାପସନ୍ଦ କରନ୍ତି । ଅତିଥି ସତ୍କାରକୁ ସେମାନେ ପ୍ରାଧାନ୍ୟ ଦିଅନ୍ତି । ରାଧାମାଷ୍ଟ୍ରେଙ୍କ ଆଚରଣ ତାର ପ୍ରତିଫଳନ । ମାଷ୍ଟ୍ରେ ଜଗାକୁ ନେଇ ହାଟ ବୁଲିଲେ । ଭଳିକିଭଳି ସାମଗ୍ରୀ ହାଟରେ ଥୁଆ । ଜଂଗଲ ଜାତ ସାମଗ୍ରୀ ମଧ୍ୟରେ ଝୁଣା, ଚନ୍ଦନକାଠ, ତେଣ୍ତାର ହୁଡ଼ି ବାଇଗଣ, ପାହାଡ଼ୀ ବିରି ଓ ମୁଗ, କେନ୍ଦୁ ଓ ମହୁଲ ଅଧିକ ଆକର୍ଷଣୀୟ । ଗ୍ରୀଷ୍ମର ପ୍ରଖରତା ହେତୁ ହାଟବୁଲା ବଂଦକରି ମାଷ୍ଟ୍ରେ ଓ ଜଗା ରାଜ ନଅର ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ କଲେ ଓ ବିଶ୍ରାମ କଲେ । ଅପରାହ୍ନ ଅତିକ୍ରାନ୍ତ । ବିଶ୍ରାମ ପରେ ହାଟରୁ କିଛି କିଛି ସଉଦା କରି ସେମାନେ ଗୃହାଭିମୁଖୀ ହେଲେ ।

ସଜନାଗଡ଼ ଭୂଦାର ଚଣ୍ଡୀ ମନ୍ଦିର ଛକରେ ଉପସ୍ଥିତ ହେବା ବେଳକୁ ଅନ୍ଧାର ନଇଁ ଆସିଲା । ସେମାନଙ୍କର ପାଦର ଗତି ଧୀମେଇ ଆସିଲା । ସଜନାଗଡ଼ଠାରୁ ଭାଲୁକାସୁଣି ଛକ ପର୍ଯ୍ୟନ୍ତ ଘନ ଅରଣ୍ୟ । ବିରଳ ଗିରି ନିବାସୀ ପଲ୍ଲୀ । ଅନ୍ଧାରରେ ଚିମିନିଟିଏ ଧରି ଚାଲିଥାନ୍ତି ଦୁଇଜଣ । ଭୟରେ ଛାତି ଦୁକୁ ଦୁକୁ । ଭାଲୁଙ୍କର ମହୁଲ ଖିଆ ବେଳ । ବାଘର ହେଣ୍ଟାଳ ସାଂଗକୁ ହରିଣ-ସମ୍ବରଙ୍କ ଧାଁଧପଡ଼ । ବିପଦର ଆବର୍ତ୍ତ ମଧ୍ୟରେ ସେମାନେ ଉବୁଟୁବୁ । ଇତ୍ୟବସରରେ ପଛରୁ ଏକ ମୋଟର ଗାଡ଼ିର ଆଲୋକ ସେମାନଙ୍କ ଉପରେ ପଡ଼ିଲା । ଆସନ୍ନ ବିପତ୍ତିରୁ ଉଦ୍ଧାର ପାଇଁ ଗାଡ଼ି ଆଗରେ ହାତ ଟେକିଲେ ସେମାନେ । ଗାଡ଼ି ଛିଡ଼ା ହେଲା । ଗାଡ଼ିର ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ସେମାନଙ୍କ ନାମଧାମ ଟିପି ଆଗକୁ ଗାଡ଼ି ଚଳାଇଲା । ଗାଡ଼ି ଚାଲିଲା ଦରଖୋଳି ଡାକ ବଂଗଳାକୁ । ଗାଡ଼ିରେ ଥିଲେ ନୀଳଗିରିର ରାଣୀ ସାହେବା ଓ ତାଙ୍କ ସହଚରୀବୃନ୍ଦ । ନିର୍ଜ୍ଜନ ରାସ୍ତାରେ ରାଣୀଙ୍କ ଗାଡ଼ିର ଗତି ରୋଧ କରିବା ଥିଲା ଏକ ଧର୍ତ୍ତବ୍ୟ ଅପରାଧ । ଏହି ଅପରାଧର ବିଚାର ପାଇଁ ରାଧାମାଷ୍ଟ୍ରେ

Digitized by PPRACHIN, SOA

ଓ ଜଗାପଶାକୁ ନିର୍ଦ୍ଧାରିତ ଦିନରେ ରାଜ ଦରବାରରେ ହାଜର ହେବାପାଇଁ ସମନ ପଠାଗଲା ।

ରାଜ ଆଜ୍ଞା ଶିରୋଧାର୍ଯ୍ୟ ମନେକରି ଜଗାପଶାକୁ ସାଥିରେ ଧରି ରାଧାମାଷ୍ଟ୍ରେ ରାଜ ଦରବାର ଅଭିମୁଖେ ଚାଲିଲେ । ନିର୍ଦ୍ଦିଷ୍ଟ ସମୟରେ ବିଚାର ଆରମ୍ଭ ହେଲା । ଅନ୍ଧାରୀ ଜଂଗଲ ମଧ୍ୟରେ ରାଣୀ ସାହେବାଙ୍କ ଗାଡ଼ିର ପଥରୋଧ କରିବା ଥିଲା ଗୁରୁତର ଅଭିଯୋଗ । ଗର୍ଜିଉଠି ରାଜା ପଚାରିଲେ ତୋ ନାମ କ'ଣ ? ଆଜ୍ଞା ମଣିମା ମୁଁ ରାଧାମାଷ୍ଟ୍ରେ । ଆମ ଗାଁ ସ୍କୁଲର ମାଷ୍ଟର । ଆଉ ଇଏ ଆଜ୍ଞା ଜଗାପଶ । ଆମ ଘର ପାଖରେ ଘର । ଲୋକଙ୍କର କାମ ଦାମ କରି ଚଳେ । ରାଜା ପୁଣି ପ୍ରଶ୍ନକଲେ, "ତୋ ଭଳି ଅବିବେକୀକୁ ମାଷ୍ଟର କଲା କିଏ ? ଆଜ୍ଞା ଶ୍ରୀ ହଜୁରଙ୍କ ଆଦେଶ ପତ୍ରପାଇ ମୁଁ ଚାକିରି କରିଛି । ରାଜାଙ୍କର ସ୍ୱର ବଦଳିଗଲା । ସେ ପଚାରିଲେ ଗତ ଶନିବାର କୁଆଡ଼େ ଯାଇଥିଲ । ଆଜ୍ଞା ମଣିମା ଆମେ ଦୁଇଜଣ ନୀଳଗିରି ହାଟକୁ ଯାଇଥିଲୁଁ । କେତେବେଳେ ହାଟରୁ ଫେରିଲ । ଆଜ୍ଞା ସଂଧ୍ୟାପୂର୍ବରୁ । ରାସ୍ତାରେ କୌଣସି ଗାଡ଼ିକୁ ହାତଟେକି ଅଟକାଇ ଥିଲ ? ଭାଲୁକାସୁଣୀ ଛକ ପାଖରେ, ଭାଲୁଙ୍କ ଡରରେ ଆମ ପଛରୁ ଏକ ଗାଡ଼ି ଆସୁଥିବାରୁ ଆମକୁ ନେବାପାଇଁ ଆମେ ହାତ ଟେକିଥିଲୁଁ । ପୁଣି ରାଜା ପଚାରିଲେ ସେ ଗାଡ଼ିରେ କିଏ ଥିଲେ ଜାଣିଛ । ନା ହଜୁର ଆମେ ଜାଣିନୁ । ରାଜା କହିଲେ ସେଥିରେ ରାଣୀ ସାହେବା ଥିଲେ । ରାଧା ମାଷ୍ଟ୍ରେ ଓ ଜଗାପଶା ସେମାନଙ୍କ ଅଜ୍ଞତା ଜନିତ ଅପାରଧ ପାଇଁ କ୍ଷମା ପ୍ରାର୍ଥନା କଲେ । କିନ୍ତୁ ରାଜାଙ୍କ ନିଷ୍ପତ୍ତି ଅଟଳ । ଅଜ୍ଞତା ହେଲେ ବି ଦଣ୍ଡ ଭୋଗିବାକୁ ହେବ । ରାଜାଙ୍କ ନିର୍ଦ୍ଦେଶରେ ରାଧାମାଷ୍ଟ୍ରେଙ୍କୁ ଦଶଥର କାନ ଧରି ଉଠ୍‌ବସ୍ କରାଗଲା ଏବଂ ଜଗାପଶାକୁ ପଚିଶ ବେତ ପାହାର ଦିଆଗଲା । କାନମୁଣ୍ଡ ଆଉଁସି ସେମାନେ ଘରକୁ ଫେରିଲେ । ବାଟରେ ମାଷ୍ଟ୍ରେ ଭାବୁଥାନ୍ତି ପିତାର ଆଦର୍ଶରେ ପୁତ୍ର, ଗୁରୁର ଆଦର୍ଶରେ ଶିଷ୍ୟ ଓ ରାଜାର ଆଦର୍ଶରେ ପ୍ରଜା ଅନୁପ୍ରାଣିତ ହୁଅନ୍ତି । ହେଲେ ଆମ ରାଜାଙ୍କର କେଉଁ ଆଦର୍ଶକୁ ନେଇ ପ୍ରଜା ଅନୁପ୍ରାଣିତ ହେବେ । ଅନ୍ଧାରୀ ଶାସନର ଅବସାନ ପାଇଁ ଶିଷ୍ୟଙ୍କୁ ଉପଯୁକ୍ତ ଶିକ୍ଷା ଦେବାପାଇଁ ମାଷ୍ଟ୍ରେ ନିଷ୍ପତ୍ତି ନେଲେ ।

■ ■

Digitized by PPRACHIN, SOA

ପ୍ରାଚ୍ୟର ବୈଜୟନ୍ତୀ

ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାରଙ୍କ ଭାରତ ଅଭିଯାନ ଓ ଅନୁଭବର ଅନେକ ରୋଚକ ବିବରଣୀ ତାଙ୍କ ସହିତ ଓ ତାଙ୍କ ପରେ ଭାରତକୁ ଆସିଥିବା ଦାର୍ଶନିକ, ଐତିହାସିକ ଓ ଭୂଗୋଳ ବେତ୍ତାମାନଙ୍କ ଲେଖାରୁ ଜଣାପଡ଼େ । ଏମାନଙ୍କ ମଧ୍ୟରେ ଏରିଆନ୍, ଡିଓଡରସ୍, ଓଷ୍ଟ୍ରାବୋଙ୍କ ନାମ ଉଲ୍ଲେଖ ଯୋଗ୍ୟ । ପୃଥିବୀ ବିଜୟର ଲକ୍ଷ୍ୟ ରଖି ସେ ଏକ ବିଶାଳ ସାମରିକବାହିନୀ ସହିତ ପ୍ରାଚ୍ୟର ଗୌରବ ଆର୍ଯ୍ୟାବର୍ତ୍ତର ଉତ୍ତର ପଶ୍ଚିମ ଗିରିପଥ ଦେଇ ସିନ୍ଧୁନଦୀ କୂଳରେ ପହଞ୍ଚିଲେ ଓ ସେଠାକାର ଶାସକ ପୁରୁଙ୍କ ସହିତ ତାଙ୍କର ସାମରିକ ମୁକାବିଲା ହେଲା । ପୁରୁଙ୍କ ସାହସ, ବୀରତ୍ୱ ଓ ଦେଶାତ୍ମବୋଧରେ ସେ ପ୍ରଭାବିତ ହେଲେ ଓ ତାଙ୍କ ସହିତ ସମ୍ପର୍କ ବଂଧୁତା ସ୍ଥାପନ କଲେ । ଇତିହାସ ତାଙ୍କୁ ବିଜୟୀ ବୀରର ସମ୍ମାନ ଦିଏ, କିନ୍ତୁ ତାଙ୍କ ଚରିତ୍ରର ଏକ ସ୍ୱର୍ଣ୍ଣିମ ଦିଗ ହେଲା ବୌଦ୍ଧିକତା ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଅତୁଟ ଆଗ୍ରହ । ଆଲେକ୍‌ଜାଣ୍ଡାରଙ୍କ ବିଫଳ ଭାରତ ଅଭିଯାନର ସବୁଠାରୁ ଅଧିକ ପ୍ରଶଂସନୀୟ ଦିଗ ହେଲା ହିନ୍ଦୁଦର୍ଶନ, ଯୋଗୀ, ସାଧୁ ଓ ସନ୍ନ୍ୟାସୀଙ୍କ ପ୍ରତି ଗଭୀର ଆଗ୍ରହ ଓ ଶ୍ରଦ୍ଧା ।

Digitized by PPRACHIN, SOA

ମଝିରେ ମଝିରେ ସେ ସେମାନଙ୍କୁ ସାକ୍ଷାତ୍ କରୁଥିଲେ ଓ ଉତ୍ସୁକତାର ସହିତ ସେମାନଙ୍କ ସହିତ ଭାବ ବିନିମୟ କରୁଥିଲେ ।

ଉତ୍ତର ଭାରତର ତକ୍ଷଶିଳାରେ ଅବସ୍ଥାନ ସମୟରେ ଆଲେକ୍‌ଜାଣ୍ଡାର ତକ୍ଷଶିଳାର ବିଶିଷ୍ଟ ସନ୍ଥ ଓ ସନ୍ୟାସୀ ଦାଣ୍ଡାମିସ୍‌ଙ୍କ ପ୍ରସିଦ୍ଧି ସମ୍ପର୍କରେ ବହୁତ କିଛି ଶୁଣିଲେ ଓ ତାଙ୍କୁ ଆଣିବାପାଇଁ ଗ୍ରୀକ୍ ଦାର୍ଶନିକ ଓନସି କ୍ରୀଟ୍‌ସଙ୍କୁ ପଠାଇଲେ । କୌଣସି ଆନ୍ତରିକ ଉଦ୍ୟମ କେବେ ବିଫଳ ହୁଏନି । ଓନ୍‌ସି କ୍ରୀଟ୍‌ସଙ୍କୁ ପକ୍ଷେ ତାହା ହିଁ ହେଲା । ସେ ଖୋଜି ଖୋଜି ଦାଣ୍ଡାମିସ୍‌ଙ୍କୁ ତାଙ୍କ ଅରଣ୍ୟ ଆଶ୍ରମରେ ପାଇଲେ ଏବଂ ଶ୍ରଦ୍ଧା ଓ ସମ୍ମାନର ସହ ତାଙ୍କୁ ସମ୍ବୋଧନ କରି କହିଲେ, "ହେ ବିପ୍ରଗୁରୁ ! ଆପଣ ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ଆଲୋକ ବର୍ତ୍ତିକା । ସର୍ବ ଶକ୍ତିମାନ ଭଗବାନ ଜୀଉସ୍‌ଙ୍କ ପୁତ୍ର ମହାମହିମ ଆଲେକଜାଣ୍ଡାର ତାଙ୍କ ନିକଟକୁ ଯିବାକୁ ଆପଣଙ୍କୁ ଆଦେଶ ଦେଇଛନ୍ତି । ଆପଣ ଯଦି ତାଙ୍କ ଆଦେଶ ପାଳନ କରିବେ ସେ ଆପଣଙ୍କୁ ବହୁ ମୂଲ୍ୟବାନ ଉପହାର ଦେଇ ପୁରସ୍କୃତ କରିବେ । ଯଦି ଆପଣ ଆଦେଶ ପାଳନ କରିବାକୁ ଅସ୍ୱୀକାର କରିବେ ସେ ଆପଣଙ୍କ ଶିର ଛେଦନ କରିବେ । ଦାଣ୍ଡାମିସ୍ ଥିଲେ ଜଣେ ଦିଗମ୍ବର ସନ୍ନ୍ୟାସୀ । ଓନ୍‌ସି କ୍ରୀଟ୍‌ସଙ୍କ ବକ୍ତବ୍ୟ ସେ ଶାନ୍ତ ଭାବରେ ଶ୍ରବଣ କଲେ । ଆଲେକ୍‌ଜାଣ୍ଡାରଙ୍କ ଏଭଳି ପ୍ରାୟ ବାଧ୍ୟତାମୂଳକ ନିମନ୍ତ୍ରଣ ତାଙ୍କ ପ୍ରଶାନ୍ତ ମୁଖମଣ୍ଡଳରେ ପ୍ରତିକ୍ରିୟା ସୃଷ୍ଟିରେ କୌଣସି ଆଭାସ୍ ଦେଲାନି ।

ମଧୁର ଅଥଚ ଦୃଢ଼ଭାବରେ ସେ କହିଲେ, "ଆଲେକ୍‌ଜାଣ୍ଡାର ଯଦି ଜିଉସ୍‌ଙ୍କ ପୁତ୍ର, ମୁଁ ମଧ୍ୟ ଜିଉସ୍‌ଙ୍କ ପୁତ୍ର । ଆଲେକ୍ ଜାଣ୍ଡାରଙ୍କର ଯାହା ସବୁ ଅଛି ମୁଁ ସେଥିରୁ କିଛି ଚାହେଁ ନାହିଁ । କାରଣ, ମୋର ଯାହା ଅଛି ସେଥିରେ ମୁଁ ସନ୍ତୁଷ୍ଟ । କିନ୍ତୁ ମୁଁ ଦେଖୁଛି ତାଙ୍କ ଲୋଭର ଶେଷନାହିଁ, କି ଯୁଦ୍ଧ ଯାତ୍ରାର ଅନ୍ତନାହିଁ । ପତ୍ର ଶଯ୍ୟାରେ ଶୋଇରହି ସନ୍ନ୍ୟାସୀ କହିଲେ, ଯାଅ, ଆଲେକ୍‌ଜାଣ୍ଡାରଙ୍କୁ କହିବ ଯେ ରାଜାଧିରାଜ ପରମପିତା ପରମେଶ୍ୱର କେବେ କୌଣସି ଉଦ୍ଧତ ଅନ୍ୟାୟ କାର୍ଯ୍ୟର କର୍ତ୍ତା ନୁହନ୍ତି । ସେ ହେଉଛନ୍ତି ଜୀବନ, ଜଳ, ଆଲୋକ, ଶାନ୍ତି, ମନୁଷ୍ୟ ଶରୀର ଏବଂ ଆତ୍ମାର ସୃଷ୍ଟିକର୍ତ୍ତା । ଯେତେବେଳେ ମୃତ୍ୟୁ ମନୁଷ୍ୟମାନଙ୍କୁ ମୁକ୍ତିଦିଏ ସେତେବେଳେ ସେ ସେମାନଙ୍କୁ ଗ୍ରହଣ କରନ୍ତି । ସେ ହତ୍ୟାକୁ ଘୃଣା କରନ୍ତି ଏବଂ କେବେହେଲେ ଯୁଦ୍ଧ

Digitized by PPRACHIN, SOA

ବିଗ୍ରହ ପାଇଁ ପ୍ରରୋଚନା ଦିଅନ୍ତି ନାହିଁ । ସେହି ଭଗବାନ ହିଁ ମୋର ଆରାଧ୍ୟ ।

ଶାନ୍ତଭାବେ ଯୋଗୀ ପୁଣି ତାଚ୍ଛଲ୍ୟ କରି କହିଲେ, ଆଲେକ୍‌ଜାଣ୍ଡାର ଭଗବାନ ନୁହଁନ୍ତି । କାରଣ ନିଶ୍ଚିତଭାବେ ସେ ମୃତ୍ୟୁର କବଳିତ ହେବେ । ଯିଏ ଅନ୍ତର ରାଜ୍ୟର ସିଂହାସନରେ ଏବେ ମଧ୍ୟ ଅଧିଷ୍ଠିତ ହୋଇପାରିନାହାଁନ୍ତି ସେ ପୃଥିବୀର ସ୍ୱାମୀ ହେବେ କିପରି ? ଦାଣ୍ଡାମିସ୍‌ଙ୍କ ପ୍ରତିକ୍ରିୟାକୁ ପରମହଂସ ଯୋଗାନନ୍ଦ ଚମତ୍କାର ଭାବରେ ବର୍ଣ୍ଣନା କରି ଲେଖିଛନ୍ତି, ପୃଥିବୀ ଅଧିପତିଙ୍କ କର୍ଣ୍ଣ ଗହ୍ୱରରେ ଏପରି ତୀବ୍ର ଭର୍ତ୍ସନା ନିଶ୍ଚୟ ପୂର୍ବରୁ କେବେ ପଡ଼ି ନଥିବ । ଏହାପରେ ସନ୍ନ୍ୟାସୀ ପୁଣି ବିଦ୍ରୂପ କରି କହିଲେ, ଯଦି ଆଲେକ୍‌ଜାଣ୍ଡାରଙ୍କ ବର୍ତ୍ତମାନ ଅଧିକୃତ ରାଜ୍ୟସବୁ ତାଙ୍କ ଅଭିଳାଷ ପୂରଣ କରିବାକୁ ଯଥେଷ୍ଟ ନୁହେଁ ତେବେ ସେ ଗଂଗାନଦୀ ପାର ହୁଅନ୍ତୁ ଏବଂ ସେଠାରେ ସେ ଏଭଳି ଏକ ଦେଶ ଦେଖିବେ ଯେଉଁଠାରେ ତାଙ୍କର ସମସ୍ତ ସହଗାମୀ ସ୍ୱଚ୍ଛନ୍ଦରେ ଜୀବନଧାରଣ କରି ରହିପାରିବେ ।

ଆଲେକ୍‌ଜାଣ୍ଡାର ଯେଉଁ ସବୁ ଉପହାର ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ମୋ ପାଇଁ ସେ ସବୁ ମୂଲ୍ୟହୀନ । ଦାଣ୍ଡାମିସ୍ କହି ଚାଲିଲେ, ଯେଉଁ ସବୁ ଜିନିଷ ମୁଁ ଚାହେଁ ସେସବୁ ହେଲା ବୃକ୍ଷରାଜି, ଯେଉଁମାନେ ମୋତେ ଆଶ୍ରୟ ଦିଅନ୍ତି, ଫୁଲ ଫଳର ସମ୍ଭାର ଦିଅନ୍ତି, ଦୈନିକ ଆହାର ଦିଅନ୍ତି ଏବଂ ଜଳ, ଯାହା ମୋର ତୃଷା ନିବାରଣ କରେ । ଉଦ୍‌ବିଗ୍ନତା ଏବଂ ଚିନ୍ତାର ସହିତ ସଂଗୃହୀତ ଧନ ସମ୍ପଦ ସଂଗ୍ରହକାରୀ ପକ୍ଷରେ ବିନାଶର କାରଣ ହୋଇଥାଏ । କିନ୍ତୁ ମୋତେ ଦେଖ, ମୁଁ ଜଂଗଲରେ ପତ୍ର ଉପରେ ଶୟନ କରେ । ଅପହୃତ ହେବାଭଳି କୌଣସି ବସ୍ତୁ ମୋ ପାଖରେ ନଥିବାରୁ ମୁଁ ଶାନ୍ତିରେ ନିଘୋଡ଼ ନିଦରେ ଶୋଏ । ମୋ ପାଖରେ ଯଦି କୌଣସି ମୂଲ୍ୟବାନ ବସ୍ତୁ ଥାଆନ୍ତା ତା'ର ଚିନ୍ତା ମୋ ଆଖିରୁ ନିଦ କାଢ଼ି ନିଅନ୍ତା । କୌଣସି ଭୌତିକ ବିଷୟ ବାସନା ନଥିବାରୁ ମୁଁ ଯେଉଁଠାକୁ ଇଚ୍ଛା ସେଠାକୁ ଯାଇପାରେ ।

ଯୋଗୀ ପୁଣି କହିଲେ, ଆଲେକ୍‌ଜାଣ୍ଡାର ଯଦି ମୋ ଶିରଚ୍ଛେଦ କରିବେ ତେବେ ମଧ୍ୟ ସେ ମୋ ଆତ୍ମାର ବିନାଶ କରିପାରିବେ ନାହିଁ । ଶିର ଛେଦନ ପରେ ମୋର ମସ୍ତିଷ୍କ ନୀରବ ହୋଇଯିବ ଏବଂ ମୋର ଶରୀର ଛିନ୍ନ ତରୁ ସଦୃଶ ଭୂଲୁଣ୍ଠିତ ହେବ ଏବଂ ମାଟିର ଯେଉଁ ମୌଳିକ ଉପାଦନ ନେଇ ଏହା ଗଠିତ ସେଥିରେ

Digitized by PPRACHIN, SOA

ମିଶିଯିବ । ତାପରେ ମୁଁ ଆତ୍ମା ହୋଇ ପରମେଶ୍ୱରଙ୍କ ପାଖକୁ ଉଡ଼ିଯିବି । ପରମେଶ୍ୱର ଆମକୁ ରକ୍ତମାଂସର ଶରୀର ଦେଇ ଏହି ସଂସାରକୁ ପଠାଇଛନ୍ତି, ପ୍ରମାଣ କରିବାକୁ ଯେ ଆମେ ତାଙ୍କ ବିଧିବିଧାନ ପାଳନ କରି ଏହି ପୃଥିବୀରେ ଜୀବନଯାପନ କରୁଛି କି ନାହିଁ । ଏଠାରୁ ବିଦାୟ ନେବାବେଳେ ସେହି ପରମେଶ୍ୱର ଆମଠାରୁ ଆମ ଜୀବନର ଏକ ହିସାବ ନିକାଶ ଚାହିଁବେ । ସେ ହେଉଛନ୍ତି ସମସ୍ତ ଅନ୍ୟାୟ କର୍ମର ବିଚାରପତି । ଅତ୍ୟାଚାରିତର ଆର୍ତ୍ତନାଦ ହିଁ ଅତ୍ୟାଚାରୀପାଇଁ ଶାସ୍ତିବିଧାନ କରେ ।

ଯେଉଁମାନେ ଧନସମ୍ପଦ କାମନା କରନ୍ତି ଏବଂ ଯେଉଁମାନେ ମୃତ୍ୟୁକୁ ଭୟ କରନ୍ତି, ସେହି ମାନଙ୍କୁ ଆଲେକ୍‌ଜାଣ୍ଡାର ଧମକ ଦେଇ ଭୟଭୀତ କରନ୍ତୁ । ଭାରତୀୟ ମୁନିଋଷିଙ୍କ ପାଇଁ ତାଙ୍କର ଅସ୍ତ୍ର ଶସ୍ତ୍ର ଶକ୍ତିବିହୀନ । ଆମ୍ଭମାନଙ୍କର ଜୀବନ ପ୍ରତି ଲୋଭ ନାହିଁ କିମ୍ବା ମୃତ୍ୟୁପାଇଁ ଭୟନାହିଁ । ଯାଅ ଆଲେକ୍‌ଜାଣ୍ଡାରଙ୍କୁ ଏତିକି କୁହ, ତାଙ୍କର ଯାହା ଅଛି ଦାଣ୍ଡାମିସ୍ ସେସବୁ କିଛି ଚାହେଁ ନାହିଁ, ତେଣୁ ସେ ତାଙ୍କ ପାଖକୁ ଯିବନାହିଁ । ଆଉ ସେ ଯଦି ଦାଣ୍ଡାମିସ୍‌ଙ୍କଠାରୁ କିଛି ଚାହାଁନ୍ତି ତେବେ ତାଙ୍କ ପାଖକୁ ଆସନ୍ତୁ ।

ଯଥା ସମୟରେ ଓନ୍‌ସି କ୍ରୀଟ୍‌ସ ଏହି ବାର୍ତ୍ତା ଆଲେକଜାଣ୍ଡାରଙ୍କୁ ଦେଲେ । ଗଭୀର ମନୋଯୋଗ ସହକାରେ ଆଲେକ୍‌ଜାଣ୍ଡାର ସବୁକଥା ଶୁଣିଲେ । ତାଙ୍କ ଅହଙ୍କାରର କି ଶୋଚନୀୟ ପରିଣତି । ଦିଗମ୍ବର ସନ୍ନ୍ୟାସୀଙ୍କୁ ଦେଖିବାପାଇଁ ତାଙ୍କର ଇଚ୍ଛା ପୂର୍ବାପେକ୍ଷା ଅଧିକ ପ୍ରବଳ ହେଲା । ପ୍ରାଚ୍ୟର ପ୍ରଜ୍ଞାନିକଟରେ ପାଶ୍ଚାତ୍ୟର ଭୌତିକତା କେତେ ଦୟନୀୟ । ବହୁ ରାଜ୍ୟର ବିଜେତା ଆଲେକଜାଣ୍ଡାର ଜାଣିଲେ ଯେ ତାଙ୍କ ସମ୍ମୁଖରେ ସେ ଜଣେ ପ୍ରବଳ ପ୍ରତିଦ୍ୱନ୍ଦ୍ୱୀ ପାଇଛନ୍ତି ଯିଏ କି ତାଙ୍କଠାରୁ ଅଧିକ ଶକ୍ତିଶାଳୀ । ସେ ଅନ୍ତରରେ ପରାଜୟ ସ୍ୱୀକାର କରି ଦାଣ୍ଡାମିସ୍‌ଙ୍କ ପ୍ରତି ଗଭୀର ଭକ୍ତି ଓ ଶ୍ରଦ୍ଧାରେ ତାଙ୍କ ମସ୍ତକ ଅବନତ ହେଲା ।

■■

Digitized by PPRACHIN, SOA

ଉର୍ବଶୀର ଅଭିଶାପ

ବିଶ୍ୱରେ ଯେତେ କିଛି ସଂଘର୍ଷର ସୂତ୍ରପାତ ହୋଇଛି ତାହା ବୁଦ୍ଧି ଓ ବଳକୁ ନେଇ ଘଟିଛି । ଏଇ ସଂଘର୍ଷ ମୂଳରେ ରହିଛି ସ୍ୱାର୍ଥ ଓ କ୍ଷମତା । ସହଯୋଗିତା ଓ ସହଭାଗିତାର ଅଭାବରେ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇ ବିଶ୍ୱରେ ବାରମ୍ବାର ଯୁଦ୍ଧ ବିଗ୍ରହ ଘଟି ଚାଲିଛି । ଏହିଭଳି ଏକ ଅବସ୍ଥାରେ ଛନ୍ଦି ହୋଇ ପଡ଼ିଛନ୍ତି ଦେବତାମାନେ ।

ଦାନବେନ୍ଦ୍ର ନିବାତ କବଚ ବିଶାଳ ସୈନ୍ୟବାହିନୀ ସହ ଆକ୍ରମଣ କରିଛି ଅମରାବତୀ । ହୁଙ୍କାର ଦେଇଛି ରାକ୍ଷସ ଜାତିର ନ୍ୟାଯ୍ୟ ଦାବି ହାସଲ ପାଇଁ । ଦାବି କରିଛି, ସମୁଦ୍ର ମନ୍ଥନର ଆମ ଭାଗ ଆମକୁ ଦିଅ, ନଚେତ୍ ସ୍ୱର୍ଗ ଛାଡ଼ । ସ୍ୱର୍ଗର ଧନ ଜୀବନ ବିପନ୍ନ । ସଂତ୍ରସ୍ତ ଦେବତା ମଣ୍ଡଳି ଓ ଦେବତାଙ୍କ ରାଜ ସଭାରେ ଘନ ଘନ ମନ୍ତ୍ରଣା । ବିପତ୍ତିରୁ ଉଦ୍ଧାର ପାଇଁ ପରାମର୍ଶ ଉଦ୍ଦେଶ୍ୟରେ ଦେବତାମାନେ ଦେବଗୁରୁ ବୃହସ୍ପତିଙ୍କ ଦ୍ୱାରସ୍ଥ ହେଲେ । ବହୁ ବିଚାର ବିମର୍ଷ ପରେ ଗୁରୁ ପରାମର୍ଶ

Digitized by PPRACHIN, SOA

ଦେଲେ, 'ଯାଅ ପ୍ରଜାପତି ବ୍ରହ୍ମାଙ୍କ ଶରଣ ନିଅ । ରାକ୍ଷସ ରାଜ ନିବାତ କବଚ ତାଙ୍କରି ବଳରେ ବଳୀୟାନ୍ । ଦେବ ଗୁରୁଙ୍କ ପରାମର୍ଶରେ ଦେବତାଗଣ ବ୍ରହ୍ମଲୋକରେ ଉପନୀତ ହୋଇ ବ୍ରହ୍ମାଙ୍କୁ ସେମାନଙ୍କର କାତର ନିବେଦନ ଜଣାଇଲେ ବ୍ରହ୍ମା ଦେବତାମାନଙ୍କ କରୁଣ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ନିବାତ କବଚର ମୃତ୍ୟୁ ରହସ୍ୟ ଉନ୍ମୋଚନ କଲେ । ପ୍ରଜାପତି କହିଲେ, ଦେବରାଜ ଇନ୍ଦ୍ରଙ୍କ ତେଜରୁ ପାଣ୍ଡବ ମହିଷୀ କୁନ୍ତୀଙ୍କ ଗର୍ଭରୁ ଜନ୍ମିତ ତୃତୀୟ ପାଣ୍ଡବ ଅର୍ଜୁନ ହିଁ ତାକୁ ବିନାଶ କରିବାକୁ ସମର୍ଥ । ପାଣ୍ଡବମାନେ ନିଜର ସତ୍ୟରକ୍ଷା ପାଇଁ ବର୍ତ୍ତମାନ ବନବାସ ପାଳନ କରୁଛନ୍ତି । ଯାଅ, ଦେବରାଜ ଇନ୍ଦ୍ରଙ୍କୁ ଅନୁରୋଧ ଜଣାଇ ସ୍ୱର୍ଗରକ୍ଷା ପାଇଁ ଅର୍ଜୁନଙ୍କୁ ଆମନ୍ତ୍ରଣ ଜଣାଅ । ଦେବତାଙ୍କ ପିଣ୍ଡରେ ପ୍ରାଣ ପଶିଲା । ଦେବ ସଭାରେ ବ୍ରହ୍ମାଙ୍କ ପରାମର୍ଶ ଆଲୋଚନା କରାଯାଇ ଅଳକାପୁରୀର ସୁରକ୍ଷା ନିମିତ୍ତ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ସାଦର ଆମନ୍ତ୍ରଣ ପଠାଗଲା । ଦେବରାଜଙ୍କ ଆମନ୍ତ୍ରଣ ସହ ତାଙ୍କ ପୁଷ୍ପକ ଯାନରେ ସାରଥୀ ମାତଳି ଉପସ୍ଥିତ ହେଲେ ପାଣ୍ଡବମାନେ ବସବାସ କରୁଥିବା ଦ୍ୱୈତବନରେ ।

ମାତଳିଙ୍କୁ ସସମ୍ମାନ ଅଭିନନ୍ଦନ ଜଣାଇଲେ ପାଣ୍ଡବମାନେ । ପରସ୍ପରର ଶ୍ରଦ୍ଧା ଓ ଶୁଭେଚ୍ଛା ନିବେଦନ ପରେ ମାତଳି ଦେବରାଜଙ୍କ ଅଭିପ୍ରାୟ ଜଣାଇ ତାଙ୍କ ଆମନ୍ତ୍ରଣର ବାର୍ତ୍ତା ପ୍ରଦାନ କଲେ । ଦୈତ୍ୟରାଜ ନିବାତ କବଚର ସତର୍କ ବାଣୀ ଥିଲା ସାତଦିନ ମଧ୍ୟରେ ଦାବି ପୂରଣ ନହେଲେ ସେ ରାକ୍ଷସ ସୈନ୍ୟ ନେଇ ଦେବଲୋକ ଆକ୍ରମଣ କରିବ ଓ ଦେବତାଙ୍କୁ ସ୍ୱର୍ଗଚ୍ୟୁତ କରିବ ।

ଧର୍ମପୁତ୍ର ଯୁଧିଷ୍ଠିର ଅସୁରମାନଙ୍କ ଅତ୍ୟାଚାର ଓ ଦେବତାମାନଙ୍କ ନିର୍ଯ୍ୟାତନାରେ ମ୍ରିୟମାଣ ହୋଇ ଅସୁରମାନଙ୍କ ବିରୋଧରେ ଦେବସେନାର ନେତୃତ୍ୱ ନେବାକୁ ଅର୍ଜୁନଙ୍କୁ ଅନୁମତି ଦେଲେ । ଅର୍ଜୁନ ଜ୍ୟେଷ୍ଠଭ୍ରାତାଙ୍କ ନିର୍ଦ୍ଦେଶାନୁସାରେ ଅସୁରମାନଙ୍କର ଆହ୍ୱାନର ମୁକାବିଲାପାଇଁ ମାତଳିଙ୍କ ସହିତ ଦେବପୁର ଯାତ୍ରାକଲେ ।

ସ୍ୱର୍ଗରେ ଆଶ୍ୱସ୍ତିର ବାତାବରଣ । ନୂତନ ଉତ୍ସାହ ଓ ଉନ୍ମାଦନାରେ ସଂଗ୍ରାମ ପାଇଁ ଦେବସେନା ପ୍ରସ୍ତୁତ । ଦୈତ୍ୟରାଜ ନିବାତ କବଚ ଦେବତାଙ୍କୁ ଦେଇଥିବା କଣ୍ଟ ସମୟ ସାତଦିନ ଅତିକ୍ରାନ୍ତ ହେଲା । ଦେବତାଙ୍କ ନୀରବତା ଦୈତ୍ୟରାଜଙ୍କୁ କ୍ରୋଧାନ୍ଧ କଲା, ତା'ର ଧୈର୍ଯ୍ୟର ବନ୍ଧ ଭାଂଗିଗଲା । ସେ ତା'ର ବିଶାଳ ବାହିନୀ

Digitized by PPRACHIN, SOA

ନେଇ ଅମରାବତୀ ଆକ୍ରମଣ କଲା । ରଣ ଦୁନ୍ଦୁଭି ବାଜି ଉଠିଲା । ଉଭୟପକ୍ଷ ପରସ୍ପରର ଶକ୍ତି ପ୍ରଦର୍ଶନରେ ମତ୍ତ ହେଲେ । ଯୁଦ୍ଧର ସ୍ଥିତି ଭୟଙ୍କର ହୋଇ ଉଠିଲା । ଯୁଦ୍ଧ ପରିଚାଳନାରେ ଅର୍ଜୁନଙ୍କ କ୍ଷିପ୍ରତା, ବୁଦ୍ଧିମତ୍ତା, ସାହସ ଓ ବିକ୍ରମ ଅସୁର ପକ୍ଷର ବିପର୍ଯ୍ୟୟ ସୃଷ୍ଟିକଲା । ଅସୁରମାନଙ୍କ ସମସ୍ତ ଶକ୍ତି ଓ କଳକୌଶଳ ଅସାର ସାବ୍ୟସ୍ତ ହେଲା । ଅସୁର ରାଜ ନିହତ ହେଲେ ଓ ତାଙ୍କ ସୈନ୍ୟବାହିନୀ ଛତ୍ର ଭଂଗ ଦେଇ ପଳାୟନ କଲେ । ଇନ୍ଦ୍ରପୁତ୍ର ଅର୍ଜୁନ ଯୁଦ୍ଧରେ ଦେବତାଙ୍କୁ ବିଜୟୀ କରାଇ ଆନନ୍ଦିତ ହେଲେ । ଦେବାସୁର କଳିରେ ମାନବର ସାହାଯ୍ୟ ଯୁଗେ ଯୁଗେ ଦେବତାମାନଙ୍କୁ ବିଜୟୀ କରିଥାଏ ।

ଅମରାବତୀରେ ବିଜୟର ଉତ୍ସବ । ଘରେ ଘରେ ଆନନ୍ଦର ଲହରୀ । ବିଜୟର ସମସ୍ତ ଶ୍ରେୟ ଅର୍ଜୁନଙ୍କୁ ଅର୍ପିତ । ସବ୍ୟସାଚୀଙ୍କୁ ଦେବଗଣ ଭବ୍ୟ ସମ୍ବର୍ଦ୍ଧନାରେ ଅଭିନନ୍ଦିତ କଲେ । ନିଜ ନିଜ ଶକ୍ତି ଓ ଆଶୀର୍ବାଦ ପ୍ରଦାନ କଲେ । ଅପ୍‌ସରୀଙ୍କ ନୃତ୍ୟ ଓ ଗନ୍ଧର୍ବଙ୍କ ସଂଗୀତରେ ସମ୍ବର୍ଦ୍ଧନା ସଭା ମୁଖରିତ । ଦେବରାଜ ଇନ୍ଦ୍ର ପୁତ୍ରର ଅପୂର୍ବ ବୀରତ୍ୱପାଇଁ ତାଙ୍କୁ ସ୍ନେହ ଓ ପ୍ରେମରେ ଆଲିଙ୍ଗନ କରି ତାଙ୍କ ମସ୍ତକରେ ଅମରପୁରୀର ଶ୍ରେଷ୍ଠସମ୍ମାନ ଦିବ୍ୟ କିରୀଟ ସ୍ଥାପନ କଲେ ଏବଂ କହିଲେ, "ପୁତ୍ର ଏ କିରୀଟ ଧାରଣ କରି ଆଜିଠାରୁ ତୁମେ କିରିଟୀ ଭାବେ ଖ୍ୟାତ ହେବ । ଉତ୍ତମ ସଂସ୍କାରଯୁକ୍ତ ତୃତୀୟ ପାଣ୍ଡବ ବିନମ୍ର ଚିତ୍ତରେ ଦେବତାଙ୍କ ଶ୍ରଦ୍ଧା ଓ ଶୁଭାଶୀର୍ବାଦ ଗ୍ରହଣ କଲେ । ଦେବରାଜ ଇନ୍ଦ୍ର ବିଜୟୀ ପୁତ୍ରର ଶ୍ରମ ଲାଘବ ଓ ଚିତ୍ତ ବିନୋଦନର ସମସ୍ତ ବ୍ୟବସ୍ଥା କରିଦେଲେ । ଲାବଣ୍ୟମୟୀ ତନ୍ୱୀ ତରୁଣୀ ଅପ୍‌ସରୀ ଉର୍ବଶୀ ଅର୍ଜୁନଙ୍କ ରାତ୍ରୀ ସେବାପାଇଁ ପ୍ରେରିତ ହେଲେ । ଗଜଦନ୍ତ ପଲଙ୍କରେ ଆରୂଢ଼ ନିଦ୍ରାଜୟୀ ଅର୍ଜୁନ ପ୍ରସନ୍ନ ଚିତ୍ତରେ ଅସୁର ରାଜ ନିବାତ କବଚର ଯୁଦ୍ଧକଳାର ଶ୍ରେୟ ପ୍ରଦର୍ଶନ ସମ୍ବନ୍ଧରେ ମନେ ମନେ ବିଶ୍ଳେଷଣ କରୁଥାନ୍ତି । ରାତ୍ରିର ପ୍ରଥମ ପ୍ରହର । ହଠାତ୍ ଶୟନ କକ୍ଷର କବାଟରେ ମୃଦୁ କରାଘାତ । ଫାଲ୍‌ଗୁନୀ କବାଟ ଖୋଲିଲେ । ନୂପୁରର ନିକ୍ୱଣ ସହିତ ଛନ୍ଦାୟିତ ପଦରେ ପ୍ରବେଶ କଲେ ଅପୂର୍ବ ସୁନ୍ଦରୀ ଉର୍ବଶୀ । ଅପାଙ୍ଗରେ ଆମନ୍ତ୍ରଣର କଟାକ୍ଷ । ତରୁଣବୀର ଅର୍ଜୁନଙ୍କ ଅପରୂପ ତାରୁଣ୍ୟରେ ବିମୁଗ୍ଧା ଅପସରା । ଜୈବ କାମନାରେ ପୁଲକିତ ଅପ୍‌ସରୀ ଅର୍ଜୁନଙ୍କୁ ତାଙ୍କ ସେବା ଗ୍ରହଣ

Digitized by PPRACHIN, SOA

କରିବାକୁ ଅନୁରୋଧ କଲେ । ଶୁଦ୍ଧ ଆଚାରଯୁକ୍ତ ତୃତୀୟ ପାଣ୍ଡବ ଚେତନାର ଔଜ୍ଜ୍ୱଲ୍ୟରେ ଉଜ୍ଜୀବିତ । ସେ ନମ୍ରକଣ୍ଠରେ କହିଲେ, ଦେବୀ ! ଆପଣ ସୁଧର୍ମା ସଭାର ପ୍ରମୁଖ ନର୍ତ୍ତକୀ ତଥା ମୋ ପିତା ଦେବରାଜ ଇନ୍ଦ୍ରଙ୍କର ସେବା କାରିଣୀ ? ତେଣୁ ଆପଣ ମୋର ମାଆ । ସନ୍ତାନର ପ୍ରଣାମ ସ୍ୱୀକାର କରି ମୋର ସ୍ୱଧର୍ମ ପାଳନରେ ମୋତେ ସାହାଯ୍ୟ କରନ୍ତୁ । ନିରାଶ ଉର୍ବଶୀ । ସେ କ୍ରୋଧ କମ୍ପିତ କଣ୍ଠରେ କହିଲେ, ସ୍ପର୍ଦ୍ଧିତ ଯୁବକ, "ତୁମେ ନାରୀକୁ ନିରାଶ କରିବା ଅପରାଧରେ ଅପରାଧୀ । ତେଣୁ ମୁଁ ତୁମକୁ ଅଭିଶାପ ଦେଉଛି ତୁମେ ତୁମ ବନବାସର ଦ୍ୱାଦଶ ବର୍ଷ ଅନ୍ତେ ଏକବର୍ଷ କିନ୍ନରୀ ଜୀବନ ଯାପନ କରିବ । ବିନମ୍ର ଚିତ୍ତରେ ନର୍ତ୍ତକୀ ଉର୍ବଶୀଙ୍କ ଅଭିଶାପକୁ ଗ୍ରହଣ କଲେ ଅର୍ଜୁନ ।

ଅନ୍ୟାୟ ଅଭିଶାପ ଅଭିଶପ୍ତକୁ ବରପ୍ରଦ ହୋଇଥାଏ । ତାହା ହିଁ ହେଲା ଅର୍ଜୁନଙ୍କ ପକ୍ଷରେ । ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଅର୍ଜୁନ ମତ୍ସ୍ୟରାଜ ବିରାଟଙ୍କ କନ୍ୟା ଉତ୍ତରାଙ୍କ ନୃତ୍ୟ ଶିକ୍ଷୟିତ୍ରୀ ବୃହନ୍ନଳା ଭାବରେ ପରିଚିତି ଲାଭ କରି କୌରବମାନଙ୍କ କ୍ରୁର ଦୃଷ୍ଟିକୁ ଏଡ଼ାଇ ପାରିଥିଲେ ।

■ ■

Digitized by PPRACHIN, SOA

ମାଟିର ମହକ

୧୯୭୨ ମସିହା, ଏପ୍ରିଲ ୨୪ତାରିଖ । ସୂର୍ଯ୍ୟଙ୍କ ପ୍ରଖର ତେଜରେ ଜୀବଜଗତ ଅସ୍ତବ୍ୟସ୍ତ । ସାଗରାଗତ ପିଟା ପବନରେ ବୃକ୍ଷଲତା ଆନ୍ଦୋଳିତ । ପତ୍ରର ସୁଁ ସୁଁ ଶବ୍ଦ । ସମୟ ପ୍ରାୟ ପୂର୍ବାହ୍ନ ୧୧ଟା, ପିଲାମାନେ ମୁଣ୍ଡରେ ବସ୍ତାନୀ ରଖି ସ୍କୁଲରୁ ଫେରୁଥାନ୍ତି । ବାଲିଆପାଳ ପୋଲିସ୍ ଥାନା ଓ ଫିଡ଼ାରସ୍କୁଲ ମଝିରେ ରାସ୍ତାକଡ଼ରେ ଏକ ବିଶାଳ ବରଗଛ କାୟା ବିସ୍ତାର କରି ଦଣ୍ଡାୟମାନ । ପାଚିଲା ଫଳରେ ଗଛଟି ଭରପୂର । ଭିନ୍ନ ଭିନ୍ନ ଜାତିର ପକ୍ଷୀଙ୍କର ଭିଡ଼ ଲାଗିଛି । ସେମାନଙ୍କ କଳରବ ବେଶ୍ ଉପଭୋଗ୍ୟ । ମଝିରେ ମଝିରେ କୋଇଲିର କୁହୁତାନର ଲାଳିତ୍ୟ ଭାସି ଆସୁଛି ।·ସମଗ୍ର ପରିବେଶ ବେଶ୍ ଆନନ୍ଦମୟ । ସତେଅବା ପ୍ରକୃତିର ମଧୁଝରା ରାସଲୀଳା ଲାଗିଛି ।

ନିକଟବର୍ତ୍ତୀ ସିମୂଳିଆ ଆଦିବାସୀ ପଲ୍ଲୀର କିସୁନ ସିଂ ତା'ର କିଶୋର ପୁଅ ବୁଦ୍ଧିଆ ସହିତ ପକ୍ଷୀ ଶିକାରରେ ବାହାରିଛି । ଚାଲି ଚାଲି ସେମାନେ ସେହି ବରଗଛ

Digitized by PPRACHIN, SOA

ମୂଳରେ ପହଞ୍ଚିଲେ । ଗଛରେ ସେମାନଙ୍କ ଦୃଷ୍ଟି ପଡ଼ିଲା । କିସୁନ୍‌ର ଗୋଡ଼ ଥମିଗଲା । ଶିକାରର ସମ୍ଭାବନାରେ ମୁହଁ ତାର ଉଜ୍ଜ୍ୱଳ ହୋଇଉଠିଲା । ହାତରେ ତାର ଥାଏ ବାଟୁଳି । ହାତ ତାର ଚଞ୍ଚଳ ହୋଇଉଠିଲା । ଦୃଷ୍ଟି ନିବଦ୍ଧ ଥିଲା ଗଛର ଗହଳ ଶାଖାରେ ବସିଥିବା କପୋତ ଯୋଡ଼ିକ ଉପରେ । ବିଜୁଳି ବେଗରେ ବାଟୁଳିର ଗୁଳି ଯାଇ ବାଜିଲା କପୋତର ଡେଣାରେ । କପୋତଟି ଭୂପତିତ ହୋଇ ଡେଣାପିଟି ଛଟପଟ ହେଲା । ସାଥୀ କପୋତଟି ଆକାଶରେ ଚକ୍କର କାଟି ବିଳାପ କରୁଥାଏ । କିଛି ସମୟ ପୂର୍ବର ଆନନ୍ଦମୟ ପରିବେଶ ବିଷାଦମୟ ହୋଇ ଉଠିଛି । ଅନ୍ୟ ପକ୍ଷୀମାନେ ମଧ୍ୟ ସମବେଦନାରେ କିଚିରି ମିଚିରି କରି ଉଡ଼ି ବୁଲୁଥାନ୍ତି । ସେମାନେ ବାକ୍‌ହୀନ ସତ୍ୟ କିନ୍ତୁ ଅନୁଭବ ହୀନ ନୁହଁନ୍ତି । ଜୀବଶ୍ରେଷ୍ଠ ମଣିଷର ପୈଶାଚିକ ନୃଶଂସତାରେ ପ୍ରକୃତି ଥମ୍ ଥମ୍ । ହସୁଛି କିସୁନ୍ । ଲକ୍ଷ୍ୟ ତାର ଅବ୍ୟର୍ଥ । ତାହା ହିଁ ତାର ଆନନ୍ଦ । ଶିକାର ଓ ସଂଗ୍ରହ ତାର ସଂସ୍କୃତିର ପୃଷ୍ଠଭୂମି । ପୁଅ ଦୁଃଖିଆ କିନ୍ତୁ ଭିନ୍ନ ଉପାଦାନରେ ଗଢ଼ା । ସ୍କୁଲରେ ଗୁରୁଜୀ ପଢ଼ାଇଥିଲେ, ସମସ୍ତଙ୍କୁ ଭଲପାଅ, ସମସ୍ତଙ୍କ ସେବାକର । ଜୀବେ ଦୟା ପରମ ଧର୍ମ ।

ଦୁଃଖିଆ ଆହତ କପୋତଟିକୁ ଧରି ଦ୍ରୁତ ଗତିରେ ଧାଇଁ ଯାଇ ନିକଟସ୍ଥ ଡାକବଂଗଳା ପୋଖରୀରୁ ଜଳ ଆଣି ତା' ଉପରେ ଛିଞ୍ଚି ଦେଲା ଓ ରକ୍ତ ଜୁଡୁବୁଡୁ ଡେଣାକୁ ଧୋଇ ସଫା କରିଦେଲା । ଆଖିରୁ ତାର ସମବେଦନାର ଅଶ୍ରୁ ଝରି ପଡୁଥାଏ । କପୋତଟି ନିଃସହାୟ ନା ଉଡ଼ିପାରୁଥାଏ ନା ଦୁଃଖିଆକୁ ଛାଡ଼ି ପାରୁଥାଏ । ସମ୍ମୁଖରେ ମୃତ୍ୟୁଦୂତ ପରି ବାଟୁଳି ଧରି ଦଣ୍ଡାୟମାନ ଦୁଃଖିଆର ବାପା । ପକ୍ଷୀଟି ଇତର ପ୍ରାଣୀ ହେଲେ ମଧ୍ୟ ତା'ର କିଛି ବୋଧଶକ୍ତି ଅଛି । ସେ ଅନୁଭବ କରୁଛି ବାପ ପୁଅର କାର୍ଯ୍ୟଶୈଳୀ ମଧ୍ୟରେ ପାର୍ଥକ୍ୟ କେତେ । ତେଣୁ ସେ ଦୁଃଖିଆ ପାଖରେ କିଛିଟା ନିରାପଦ ମଣୁଛି ।

ସେ ଦିନର ଶିକାର ସେଇଠି ସରିଲା । ବୁଦ୍ଧିଆ ପାଖରେ ଥିବା ପିଞ୍ଜରାରେ କପୋତକୁ ରଖି ଘରକୁ ଆସିଲା । କପୋତର ଆହତ ଡେଣାରେ ହଳଦୀ ଓ କିଛି ଚେରମୂଳି ଔଷଧ ଲଗାଇଲା । ପିଇବାକୁ ଗିନାରେ ପାଣି, ଖାଇବାକୁ ଖୁଦ କଣିକା ଓ ବଣୁଆ କୋଳି ଦେଲା । ନିସ୍ୱାର୍ଥ ସେବାର ଚମକ ଥାଏ । କିଛିଦିନ ମଧ୍ୟରେ

Digitized by PPRACHIN, SOA

କପୋତଟି ସ୍ୱାଭାବିକ ହେଲା ଓ ଡେଣା ଝାଡ଼ିପାରିଲା । ଦୁଃଖିଆର ଆନନ୍ଦ ଅପରିସୀମ । ମାନବିକତାର ମହତ୍ତର ଉତ୍ତରଣରେ ହୃଦୟ ତାର ଉଦ୍‌ବେଳିତ । ଭାବୁଛି ସିଏ ସକାଳ ହେଲେ ପିଞ୍ଜରା ଖୋଲି କପୋତକୁ ମୁକ୍ତ ଆକାଶର ବିହଙ୍ଗ କରିବ । କେତେ ଖୁସି ନହେବ ସତେ କପୋତ ।

ଦୁଃଖିଆର ଝାଟିମାଟିର ଘର । ଅପ୍ରଶସ୍ତ ବାରଣ୍ଡା । ବାରଣ୍ଡାର ଗୋଟିଏ କୋଣରେ ଖଣ୍ଡେ ସପ ଉପରେ ସିଏ ଶୋଇଛି । ମୁଣ୍ଡ ପାଖରେ ପିଞ୍ଜରାରେ କପୋତ । ଟିମିନିର ସ୍ତିମିତ ଆଲୁଅ ଟିକ୍‌ଟିକ୍ କରୁଛି । ରାତ୍ରିର ପ୍ରାୟ ତୃତୀୟ ପ୍ରହର । ପୁଅର ଆର୍ତ୍ତଚିତ୍କାରରେ ବାପା କିସୁନର ନିଦ ଭାଂଗିଗଲା । ସେ ବିଛଣାରୁ ଉଠିଆସି ଟିମିନି ଟେକିଁ ଦେଇ କ'ଣ ହେଲା ବୋଲି ପୁଅକୁ ପଚାରିଲା । ଦୁଃଖିଆ କହିଲା, ମୋତେ ଗୋଟିଏ ସାପ କାମୁଡ଼ି ଦେଲା, ସେ ଚାଲିଯିବାର ମୁଁ ଦେଖିଛି । ଡାକ୍ତର କିମ୍ବା ଡାକ୍ତରଖାନା ଉପରେ ସେମାନଙ୍କର ଭରସା କମ୍ । ଝଡ଼ାଫୁଙ୍କା, ଗୁଣି ଗାରୁଡ଼ି ଉପରେ ପରମ୍ପରାଗତ ବିଶ୍ୱାସ । ଗୁଣିଆ ଧରଣୀ ବାନ୍ଧିଲା, ଝଡ଼ାଫୁଙ୍କା କଲା, ହେଲେ ଉପଶମର କୌଣସି ଲକ୍ଷଣ ନଥିଲା । ପୂର୍ବାହ୍ନ ଅତିକ୍ରାନ୍ତ, ଅପରାହ୍ନ ସମାଗତ, ଦୁଃଖିଆର ଆଖିର ରଂଗ ବଦଳି ଗଲା । ପାଟି ମୁହଁ ଶୁଖିଗଲା । ଦେହ ନିସ୍ତେଜ ହୋଇଆସିଲା । ତାର ଧରଣୀ ବଂଧା ହାତଟି କପୋତ ଥିବା ପିଞ୍ଜରା ଉପରେ ଆଉଜି ଗଲା । ତାର ପ୍ରାଣ ପକ୍ଷୀ ଉଡ଼ିଗଲା । ପିଞ୍ଜରା ଖୋଲିଗଲା । କପୋତ ବାହାରି ଆସି ଦୁଃଖିଆର ହାତ ପାପୁଲିରେ ଥଣ୍ଟ ଗୁଂଜିଲା ଓ କିଛି ସମୟ ପରେ ଉଡ଼ିଯାଇ ଘର ଆଗରେ ଥିବା ଜାମୁଗଛରେ ନୀରବରେ ବସିରହିଲା । ଜାତି କୁଟୁମ୍ବ ଶବଦାହ ପାଇଁ ଆୟୋଜନରେ ଲାଗିଗଲେ । ଘରେ ଶୋକାକୁଳ ପରିବେଶ । କ୍ରନ୍ଦନରେ ଫାଟି ପଡୁଥାଏ ସମଗ୍ର ପରିବେଶ । ଶବ ଉଠିଲା । ଶବ ବାହକମାନେ ରାମ ନାମ ସତ୍ୟ ହେ କହିବା ମାତ୍ରେ ଗଛ ଉପରୁ କପୋତଟିର ମୃତ ଶରୀର ଠପ୍ ହୋଇ ତଳେ ପଡ଼ିଲା । ଶବ ସହିତ କପୋତଟିକୁ ଶ୍ମଶାନକୁ ନିଆଗଲା । ପ୍ରେମ ଓ ମମତାର କି ଦିବ୍ୟ ରୂପାୟନ ।

■■

Digitized by PPRACHIN, SOA

ପ୍ରେମର ପରାକାଷ୍ଠା

ଇଂରେଜ ସାହିତ୍ୟର ପ୍ରଥିତଯଶା ଲେଖକଙ୍କ ମଧ୍ୟରେ ରବର୍ଟ ବ୍ରାଉନିଂ ଥିଲେ ଅନ୍ୟତମ । ତାଙ୍କ କାବ୍ୟିକ ପ୍ରତିଭା ବିଶ୍ୱମାନବିକତା ଉପରେ ଆଧାରିତ । ଜୀବନ ଦର୍ଶନକୁ ତନ୍ନ ତନ୍ନ କରି ଅନୁଶୀଳନ କରିବା, ସାମାଜିକ ପୃଷ୍ଠଭୂମିରେ ତାକୁ ସାର୍ଥକ ଭାବେ ରୂପାୟିତ କରିବା ଥିଲା ତାଙ୍କ ପ୍ରଜ୍ଞାଶୀଳତା । ତାଙ୍କ ଲେଖାରେ ଜୀବନର ପ୍ରତ୍ୟେକ ଛତ୍ର ଜୀବନ୍ତ ହୋଇ ଉଠୁଥିଲା । ଜୀବନକୁ ଭଲ ପାଇବାରେ ସମସ୍ତଙ୍କୁ ସେ ଉଦ୍‌ବୁଦ୍ଧ କରିପାରୁଥିଲେ ।

ବ୍ରାଉନିଂଙ୍କ ସାରସ୍ୱତ ସାଧନାର ବିମୁଗ୍ଧ ପାଠିକା ଥିଲେ ଏଲିଜାବେଥ୍ କୁକ୍ । ସେ ମଧ୍ୟ ଥିଲେ ଜଣେ ସୁସାହିତ୍ୟିକା କିନ୍ତୁ ତାଙ୍କ ଜୀବନ ଥିଲା ଦୁଃସହ । କୈଶୋରରୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ସେ ଥିଲେ ଶଯ୍ୟାମୟୀ । ବାପାଙ୍କର ସେ ଥିଲେ ଜ୍ୟେଷ୍ଠାକନ୍ୟା, ଅତି ଅଲିଅଳି । ବାପାଥିଲେ ନୌବାହିନୀର ଜଣେ ବରିଷ୍ଠ ଅଧିକାରୀ । କଠୋରଥିଲା ତାଙ୍କ ଶାସନ । ସାନଝିଅ ମାର୍ଗାରେଟ୍ ବିଶ୍ୱ ବିଦ୍ୟାଳୟର

Digitized by PPRACHIN, SOA

ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀ । ଏଲିଜାବେଥ୍‌ଙ୍କ ସବୁ ଯତ୍ନର ଦାୟିତ୍ୱ ବାପା ନ୍ୟସ୍ତ କରିଥିଲେ ସାନଝିଅ ମାର୍ଗାରେଟ୍ ଉପରେ । ଦୁଇଭଉଣୀ ଦେଖିବାକୁ ଥିଲେ ଯମଜ ଭଳି । ମାର୍ଗାରେଟ୍ ବଡ଼ ଭଉଣୀର ସେବାରେ କେବେ ତ୍ରୁଟି କରୁନଥିଲେ ।

ମାନସିକ ଓ ଶାରୀରିକ କ୍ଳେଶକୁ ଭୁଲିବାପାଇଁ ସାରସ୍ୱତ ସାଧନାକୁ ଆଶ୍ୱାସନାର ଉତ୍ସରୂପେ ବାଛି ନେଇଥିଲେ ଏଲିଜାବେଥ୍ । ତାଙ୍କ କବିତାରେ ନୈରାଶ୍ୟର ସୂକ୍ଷ୍ମସତ୍ତା ନିହିତ ଥିଲା ଯାହା ବ୍ରାଉନିଂଙ୍କ ପରି ଜଣେ ମାନବବାଦୀ ଦରଦୀ କବିଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ସେ ତାଙ୍କ କବିତାରେ ଏଲିଜାବେଥ୍‌ଙ୍କ ନୈରାଶ୍ୟକୁ ଆଶାର ସ୍ନିଗ୍ଧତାରେ ପରିଣତ କରୁଥିଲେ । ଏଲିଜାବେଥ୍ ବ୍ରାଉନିଂଙ୍କ କବିତାକୁ ନିମଗ୍ନଚିତ୍ତରେ ଆଗ୍ରହର ସହିତ ଅଧ୍ୟୟନ କରୁଥିଲେ ଓ ବ୍ୟାଧିର ଯନ୍ତ୍ରଣାକୁ ଭୁଲିବାକୁ ଚେଷ୍ଟା କରୁଥିଲେ । କଲମର ମୂନ ସମ୍ପର୍କ ରଜ୍ଜୁକୁ ଦୃଢ଼ କଲା । ପରସ୍ପର ଅଧିକରୁ ଅଧିକ ଜାଣିଲେ ଓ ଆତ୍ମିକତାରେ ନିକଟତର ହେଲେ । କିନ୍ତୁ ଅଭାବ ଥିଲା ପ୍ରତ୍ୟକ୍ଷ ଦର୍ଶନର, ସାଗର ସରିତର ମିଳନର ।

କବୟିତ୍ରୀ ଏଲିଜାବେଥ୍ କୁକ୍ କବିତା ମାଧ୍ୟମରେ ପ୍ରୀତିପୂର୍ଣ୍ଣ ଆମନ୍ତ୍ରଣର ସ୍ୱର ତୋଳିଲେ କବିଙ୍କ ପ୍ରତି । କବିଙ୍କ ପ୍ରାଣ ତନ୍ତ୍ରୀରେ ତାହା ଝଂକୃତ ହେଲା । ମାନବିକତାର ସଂପର୍କ କେଡ଼େ ମଜବୁତ୍ । କବି ମଧ୍ୟ ପ୍ରତ୍ୟୁତ୍ତରରେ କବିତା ମାଧ୍ୟମରେ ଆମନ୍ତ୍ରଣ ସ୍ୱୀକାର କଲେ ପୀଡ଼ିତା ଏଲିଜାବେଥ୍‌ଙ୍କ । ବିଶ୍ୱ ବିଶ୍ରୁତ କବି ବ୍ରାଉନିଂ ଯିବେ ରୋଗ ଶଯ୍ୟାରେ ଶାୟିତା କବୟିତ୍ରୀ ଏଲିଜାବେଥ୍‌ଙ୍କ ଗୃହକୁ । ଏଲିଜାବେଥ୍‌ଙ୍କ ଆନନ୍ଦର ସୀମା ନାହିଁ । ଶରୀରର ସମସ୍ତ ଜୀବକୋଷ ପ୍ରେମରେ ଉଦ୍‌ବେଳିତ । ପୁଷ୍ପିଳ ଅଭ୍ୟର୍ଥନାର ସମସ୍ତ ପ୍ରସ୍ତୁତି ଶେଷ ।

ପ୍ରତୀକ୍ଷିତ ସମୟ ଆସନ୍ନ । କବାଟରେ ଠକ୍ ଠକ୍ ଶବ୍ଦ । ବିଜୁଳିର ସ୍ପନ୍ଦନ ଭଳି କବୟିତ୍ରୀଙ୍କ ସମଗ୍ର ଶରୀର ରୋମାଞ୍ଚିତ ହୋଇ ଉଠିଲା । ଦୀର୍ଘ ଦିନର ଅକ୍ଷମତା ଦୂରେଇ ଗଲା । ଶରୀରରେ ଭରିଗଲା ଅଫୁରନ୍ତ ଶକ୍ତି । ବିନା ସହାୟତାରେ ବିଛଣା ଛାଡ଼ି କବାଟ ଖୋଲିଲେ ଏଲିଜାବେଥ୍ । ସମ୍ମୁଖରେ ଦଣ୍ଡାୟମାନ ଉପସ୍ଥିତ ବ୍ୟକ୍ତିତ୍ୱ । ସ୍ମିତ ହସି କବି ପଚାରିଲେ, "ମୁଁ କ'ଣ କବୟିତ୍ରୀଙ୍କୁ ମୋ ସମ୍ମୁଖରେ ଦେଖୁଛି ।

Digitized by PPRACHIN, SOA

ବ୍ରୀଡ଼ା ଜନତ ଦୃଷ୍ଟିରେ ସମ୍ମତି ଜଣାଇ କରମର୍ଦ୍ଦନ କଲେ ଏଲିଜାବେଥ୍ । କଳ୍ପନା ଆଜି ବାସ୍ତବରେ ରୂପାୟିତ । କିଛି ସମୟ ଦୃଷ୍ଟି ବିନିମୟ ପରେ ଆକାଂକ୍ଷିତ ମୁହୂର୍ତ୍ତର ଅବସାନ ଘଟିଲା । ସାନ ଭଉଣୀ ମାର୍ଗାରେଟ୍ ଘଟଣାର ଦ୍ରୁତ ପରିବର୍ତ୍ତନରେ ସ୍ତମ୍ଭୀଭୂତ । ତାଙ୍କ ପାଟିରୁ ସ୍ୱତଃ ବାହାରି ପଡ଼ିଲା - What is miracle ? ପଙ୍ଗୁ ଲଂଘୟତେ ଗିରିଂ । ପ୍ରେମର କି ଅଦ୍ଭୁତ କରାମତି ।

■ ■

Digitized by PPRACHIN, SOA

ମୋ ଗାଁ ମୋ ମାଟି

ଇତିହାସରେ ବର୍ଣ୍ଣିତ କିମ୍ବା ଭୂଗୋଳରେ ଚିହ୍ନିତ ନହେଲେ ମଧ୍ୟ ମୋର ଗୋଟିଏ ସବୁଜ ସୁନ୍ଦର ଛୋଟ ଗାଁ ଥିଲା ଯାହାର ନାମ 'ରସଲପୁର'। ପ୍ରକୃତିର ମନୋରମ ଶୋଭାରେ ଭରପୂର । ଭୌଗୋଳିକ ପୃଷ୍ଠ ଭୂମିରୁ ଦେଖିଲେ ଗାଁଟିର ଉତ୍ତର ପୂର୍ବରେ ସ୍ୱର୍ଣ୍ଣ ପ୍ରସବିନୀ ସୁବର୍ଣ୍ଣରେଖା, ଦକ୍ଷିଣରେ ଜାମକୁଣ୍ଡା କୋଷ୍ଟ କେନାଲ ଓ ପଶ୍ଚିମରେ ସାହାବନ୍ଦରଗଡ଼ । ନଦୀ କଡ଼େ କଡ଼େ ଗାଁଟି ପୂର୍ବରୁ ପଶ୍ଚିମକୁ ଅଧିକ ଦୀର୍ଘ । ବର୍ଣ୍ଣ ଭିତ୍ତିରେ ଭିନ୍ନ ଭିନ୍ନ ଶ୍ରେଣୀରେ ଲୋକେ ଗାଁରେ ଉତ୍ତମ ପ୍ରତିବେଶୀ ସମ୍ପର୍କ ରଖି ଚଳନ୍ତି । ସବୁ ଦୃଷ୍ଟିରୁ ଗାଁଟି ପ୍ରାୟ ସ୍ୱୟଂ ସମ୍ପୂର୍ଣ୍ଣ । ମାଛ, ଶାଗ, ପନିପରିବା, ଦୁଧ, ଦହି ସବୁକିଛି ଗାଁରେ ମିଳେ । ଗାଁର ପୂର୍ବରେ ମହାଦେବ ମନ୍ଦିର, ପଶ୍ଚିମରେ ଶୀତଳା ଦେବୀ, ମଝିରେ ଗାଁ ପୋଖରୀ ଓ ପୋଖରୀ ପାଖରେ ପ୍ରାଇମେରୀ ସ୍କୁଲ । ସ୍କୁଲରେ ପଢୁଥିଲେ ଶିକ୍ଷା ସଚେତନ ପ୍ରାୟ ସତୁରୀ ଶତାଂଶ ପରିବାରର ପିଲା । ଗାଁରେ କେବଳ ଗୋଟିଏ କରଣ ପରିବାର ଥିଲା ଓ ସେହି ପରିବାରର ଝିଅ ଉଷାରାଣୀ ଦାସ ସ୍କୁଲର ଏକମାତ୍ର ଛାତ୍ରୀ ଥିଲେ । ଗାଁର ଏ ସ୍ଥିତି

Digitized by PPRACHIN, SOA

ଆଜିଠାରୁ ସତୁରୀ ବର୍ଷ ପୂର୍ବର ଥିଲା । ସ୍କୁଲର ଶିକ୍ଷକ ଥିଲେ ଶ୍ରୀଯୁକ୍ତ ଉପେନ୍ଦ୍ର ନାଥ ପାତ୍ର । ଶତକଡ଼ା ନବେ ଶତାଂଶ ଛାତ୍ର ତୃତୀୟ ଶ୍ରେଣୀଠାରୁ ପାଠପଢ଼ା ଶେଷ କରୁଥିଲେ । ଏକମାତ୍ର ଶ୍ରୀଯୁକ୍ତ ବନମାଳୀ ପ୍ରଧାନ ବି.ଏ. ପଢ଼ିଥିଲେ । ବାଲିଆପାଳରେ ଗୋଟିଏ ନିମ୍ନ ମାଧ୍ୟମିକ ବିଦ୍ୟାଳୟ ଥିଲା ଓ ୧୯୪୭ରେ ସୁବର୍ଣ୍ଣରେଖା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଶିକ୍ଷାପ୍ରେମୀ ଗାଁର କିଛିଲୋକ ସେମାନଙ୍କ ପିଲାଙ୍କୁ ଏମ୍.ଇ ସ୍କୁଲ ଓ ହାଇସ୍କୁଲରେ ପଢ଼ାଇଲେ । ଏ ଲେଖକ ଗ୍ରାମର ୨ୟ ଗ୍ରାଜୁଏଟ୍ ଓ ପ୍ରଥମ ଏମ୍.ଏ.ପଢ଼ିଥିବା ଛାତ୍ର । ସେ ସମୟର ଶିକ୍ଷିତ ଛାତ୍ରମାନେ ସରକାରୀ ଚାକିରି ପ୍ରତି ଆକର୍ଷଣ ନରଖି ଶିକ୍ଷକତାକୁ ଶ୍ରେୟ ଦେଉଥିଲେ, ଫଳରେ ବାଲେଶ୍ୱର ଜିଲ୍ଲା ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ ହୋଇପାରିଛି ଓ ଏହାର ସାଂସ୍କୃତିକ ମୂଳଦୁଆ ମଜବୁତ୍ ହୋଇଛି ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ ଗାଁ ରସଲପୁର ଥିଲା ସମ୍ପୂର୍ଣ୍ଣ ଅବହେଳିତ । ବାଲିଆପାଳରେ ଗୋଟିଏ ସରକାରୀ ଡାକ୍ତରଖାନାଥାଏ । ଯୋଗାଯୋଗ ଓ ରାସ୍ତାଘାଟର ଅଭାବ ହେତୁ ନିହାତି ଆବଶ୍ୟକ ନହେଲେ ଲୋକେ ପ୍ରାୟ ବାଲିଆପାଳ ଆସୁ ନଥିଲେ । କେବଳ ଶନିବାର ଓ ମଂଗଳବାର ସିମୂଳିଆ ହାଟକୁ ଯିବାପାଇଁ ଲୋକେ ବାଲିଆପାଳ ଦେଇ ଆସୁଥିଲେ । ନା ଥିଲା ସ୍ୱାସ୍ଥ୍ୟ ସଚେତନତା, ନା ଥିଲା ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା । ରୋଗ ବିରାଗ ପାଇଁ ଲୋକେ ଚେରମୂଳିରେ ପ୍ରସ୍ତୁତ ବଟିକ ତିଆରି କରୁଥିବା ପୁଷ୍ଟିଦାସ ଉପରେ ନିର୍ଭର କରୁଥିଲେ । ସେ ମଧ ଫୁଙ୍କାଫୁଙ୍କି କରୁଥିଲେ ।

ଗାଁରେ କୂଅ କିମ୍ୱା ନଳକୂଅ ନଥିଲା । ସ୍ନାନ, ଶୌଚ ଓ ପାନୀୟ ଜଳ ପାଇଁ ଲୋକେ ମୁଖ୍ୟତଃ ନଈ ଉପରେ ନିର୍ଭର କରୁଥିଲେ । ଘରେ ଥିବା ଗାଈର କ୍ଷୀର, ନଈ ପୋଖରୀର ମାଛ, ବାଡ଼ି ବଗିଚା ଓ ବିଲର ଫସଲ ଲୋକଙ୍କ ଖାଦ୍ୟ ଆବଶ୍ୟକତା ପୂରଣ କରୁଥିଲା । ଗାଁର ତେଲିପଡ଼ା ଭିତରେ କେବଳ ବିଦ୍ୟାଧର ସାହୁଙ୍କର ଗୋଟିଏ ବଳଦଟଣା ଘଣା ଥିଲା । ଲୋକମାନେ ସେହି ଘଣାରେ ରାଇ, ସୋରିଷ, ଜଡ଼ା ଓ ନଡ଼ିଆ ଆଦି ଘଣା ପକାଇ ତେଲ ବାହାର କରୁଥିଲେ । ହେଁସପାତି ଓ ମସିଣା କାଠି ଚାଷ କରି ଘରେ ଘରେ ସପମସିଣା ତିଆରି କରୁଥିଲେ । ସ୍ୱଦେଶୀ ମନ୍ତ୍ରରେ ଉଦ୍‌ବୁଦ୍ଧ

Digitized by PPRACHIN, SOA

ହୋଇ ବିଦେଶୀ ବସ୍ତ୍ର ବର୍ଜନ କରି ଲୋକମାନେ ତକଲିରେ କପାତୁଳାରୁ ସୂତା ବାହାର କରି ତନ୍ତରେ ଖଦଡ଼ ଲୁଗା ବୁଣି ପିନ୍ଧୁଥିଲେ । ବିଦେଶୀ ଲୁଣ ବ୍ୟବହାର ନକରି ଗ୍ରାମର ଲୋକମାନେ ଦଳ ଦଳ ହୋଇ ନୌକା ନେଇ ଆମ୍ବଚୁଆରୁ ଓ ସମୁଦ୍ରର ବେଳାଭୂମିରୁ ଦହ ମାରି ସେହି ଦହ ପାଣିକୁ ଆଣି ଘରେ ଫୁଟାଇ ସେଥିରୁ ଲୁଣ ମାରୁଥିଲେ । ଇଂରେଜ ଶାସନ ବିରୋଧରେ ଅହିଂସା, ଅସହଯୋଗ ଓ ବିଦେଶୀ ଦ୍ରବ୍ୟ ବର୍ଜନ ଲୋକଙ୍କର ଜୀବନର ଏକ ସ୍ୱାଭାବିକ ଧାରା ପାଲଟି ଯାଇଥିଲା ।

ଗାଁଲୋକେ ମୁକ୍ତାକାଶ ରଂଗମଂଚକୁ ବେଶ୍ ପସନ୍ଦ କରୁଥିଲେ । ସେଥିପାଇଁ ଗାଁର ପୂର୍ବପଟରେ ପୁଷ୍ଟି ଦାସ ଘରେ ଓ ପଶ୍ଚିମ ପଟେ ଭଗବାନ କର ଘରେ ଦୁଇଟି ଯାତ୍ରାଦଳ ଗଢ଼ି ଉଠିଥିଲା । ପୂର୍ବପଟ ଯାତ୍ରାଦଳର ନୃତ୍ୟ, ସଂଗୀତ ଓ ନିର୍ଦ୍ଦେଶନାର ଦାୟିତ୍ୱରେ ଥିଲେ ଶ୍ରୀଯୁକ୍ତ ଅଯୋଧ୍ୟାରାମ ମଣ୍ଡଳ ଏବଂ ପଶ୍ଚିମ ପଟର ଦାୟିତ୍ୱରେ ଥିଲେ ଶ୍ରୀଯୁକ୍ତ ଦଧିବାମନ ମହାନ୍ତି । ଚଢ଼େୟାନାଟ ଓ କେଳା କେଲୁଣୀ ନାଟ ମଧ୍ୟ ବେଶ୍ ଲୋକପ୍ରିୟ ଥିଲା ।

ଗ୍ରାମର ସବୁ ସମସ୍ୟା ପ୍ରାୟତଃ ଗ୍ରାମ ସଭାଦ୍ୱାରା ସମାହିତ ହେଉଥିଲା । ଗ୍ରାମର ମୁଖ୍ୟଥିଲେ ଶ୍ରୀଯୁକ୍ତ ବୈକୁଣ୍ଠନାଥ ପ୍ରଧାନ । କୃଷିଥିଲା ଲୋକଙ୍କର ପ୍ରଧାନ ଜୀବିକା । ଧାନଚାଷ ବର୍ଷରେ ଥରେ କେବଳ ବର୍ଷାଋତୁରେ ହେଉଥିଲା । କୃଷକମାନେ ବଢ଼ି ମରୁଡ଼ିରେ ଆକ୍ରାନ୍ତ ହେଉଥିଲେ । କୃଷିର ଉନ୍ନତି ପାଇଁ ପ୍ରୋତ୍ସାହନ ନଥିଲା କିମ୍ବା ଫସଲ କ୍ଷତି ପାଇଁ ସରକାରୀ ସାହାଯ୍ୟ ନଥିଲା । ଗ୍ରାମର ପଶ୍ଚିମପଟ ନଈକୂଳରେ ଥିବା ସାହାବଂଦରରେ ଅନେକ ପଣ୍ୟବାହୀ ସମୁଦ୍ରଗାମୀ ବୋଟ ସେମାନଙ୍କର ନଙ୍ଗର ପକାଉଥିଲେ । ଝୋଟ ସବୁ ବଣ୍ଡିଲ ଆକାରରେ ବଂଧାହୋଇ ବୋଟରେ କଲିକତାର ହୁଗୁଳି ନଦୀକୂଳରେ ଥିବା ଝୋଟ କଳକୁ ଯାଉଥିଲା । ସେହି ଜଳପଥରେ ବୋଟରେ ବୋଝେଇ ହୋଇ ଲୁଗାପଟା ଓ ଭୂଷିମାଲ ଦ୍ରବ୍ୟସବୁ କଲିକତାରୁ ଏଠାକୁ ଆସୁଥିଲା । ବନ୍ଦରଟି ଛୋଟ ହେଲେ ମଧ୍ୟ ଗ୍ରାମର ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ଥିଲା ।

ଭୁଲି ହୁଏନି ଆମ ଗ୍ରାମର ସେହି ସବୁଜ ସୁନ୍ଦର ରୂପ । ନଈକୂଳରେ ଖେଳ,

Digitized by PPRACHIN, SOA

ଗାଧୁଆ ତୁଠର ମେଳ, ପୁଣ୍ଡି ଦାସର ବସାଦହି, ମୁଖି ନାନୀର ପାନ ଓ କର ଘର ଆଈର ଗପକଥା ଭାବିଲେ ମନ ଉତଲା ହୋଇଉଠେ ।

ଗାଁର ଫଗୁଦୋଳ ଥିଲା ଅନନ୍ୟ । ବର ଅଶ୍ୱତ୍ଥ ଗଛ ପରିବେଷ୍ଟିତ ନଈକୂଳର ଦୋଳମଣ୍ଡପରେ ମେଳଣ ଯାତ୍ରା ହୁଏ । ଅନ୍ୟ ପାଖ ଗାଁର ରାଧାକୃଷ୍ଣ ମୂର୍ତ୍ତି ସବାରୀରେ ଆସନ୍ତି । ରଂଗ ଅବିର ବୋଳି ଗୀତ ଗାଇ ନାଚି ନାଚି ଲୋକେ ଆନନ୍ଦରେ ମତ୍ତ ହୁଅନ୍ତି । ଆମ ଗାଁର ଅନେକ ଲୋକ କଲିକତାରେ ରହନ୍ତି । ସେମାନେ ଟଂକା ଖର୍ଚ୍ଚ କରି ଶାରଦୀୟ ଦୁର୍ଗୋତ୍ସବ ପାଳନ କରନ୍ତି । ସମସ୍ତ ବିଧିବିଧାନ ସହିତ ନବରାତ୍ର ଶାରଦୀୟ ଉତ୍ସବ ଧୂମଧାମ୍‌ରେ ପାଳିତ ହୁଏ । ଲୋକମାନଙ୍କ ମଧ୍ୟରେ ବୁଝାମଣା ଓ ଆତ୍ମୀୟତାର ପରିବେଶ ବେଶ୍ ଉନ୍ନତ ଥିଲା । ବିପଦ ଆପଦ ଓ ରୋଗ ବିରାଗରେ ସମସ୍ତେ ପରସ୍ପରକୁ ସାହାଯ୍ୟ କରୁଥିଲେ ।

ଆଜି କିନ୍ତୁ ଆମ ପ୍ରିୟ ଗାଁ ବିଦୀର୍ଣ୍ଣ ଓ ଶ୍ରୀହୀନ । ସୁବର୍ଣ୍ଣରେଖାର ବନ୍ୟା ଓ ପାର୍ଶ୍ୱପରିବର୍ତ୍ତନ ଫଳରେ ଗ୍ରାମର ଦୁଇ ତୃତୀୟାଂଶ ଆଜି ନଦୀଗ୍ରସ୍ତ । ଏକମାତ୍ର ବିଦ୍ୟାଳୟ ଆଜି ନଦୀ ଗର୍ଭରେ । ଶିକ୍ଷାଦାନ ବାଧାପ୍ରାପ୍ତ । ଯେଉଁ ନଦୀ ଦିନେ ଗାଁ ପ୍ରତି ବରପ୍ରଦା ଥିଲା, ଆଜି ତାହା ଭୀତିର କାରଣ ।

ବଂଧୁ ଜଗନ୍ନାଥ ପ୍ରଧାନ ଆଲୋଚନା ପ୍ରସଂଗରେ ଦିନେ ମୋତେ ଗାଁର ଇତିବୃତ୍ତ ଲେଖିବାକୁ କହିଥିଲେ । ମୋ ବିଶ୍ୱାସରେ ମୁଁ ଯାହା ଜାଣିଛି ତାହା ଲେଖିଛି । ଆହୁରି ଅନେକ କିଛି ଅଛି । ଗାଁର ଏ ଦୁଃଖଦ ସ୍ଥିତି ଦିନେ ବଦଳିବ ବୋଲି ବିଶ୍ୱାସ ।

■ ■

Digitized by PPRACHIN, SOA

ସ୍କଟିସ୍ ତରୁଣୀ

ଉଚ୍ଚ ଅକ୍ଷାଂଶରେ ଅବସ୍ଥିତ ବିଲାତ ଏକ ଦ୍ୱୀପ ଦେଶ । ଏହାର ପଶ୍ଚିମ ଓ ଦକ୍ଷିଣରେ ଆଟଲାଣ୍ଟିକ ମହାସାଗର । ପୂର୍ବରେ ଉତ୍ତରସାଗର ଓ ଉତ୍ତରରେ ନରୱେ ଜିଆନ ସାଗର । ପଶ୍ଚିମସ୍ଥ ଆଟଲାଣ୍ଟିକ୍ ମହାସାଗର ଆଡୁ ପ୍ରବାହିତ ପଶ୍ଚିମାବାୟୁ ଦ୍ୱାରା ଏହା ବର୍ଷସାରା ବର୍ଷାପାଏ । ବସ୍ତୁତଃ ଏହା ସାମୁଦ୍ରିକ ଜଳବାୟୁ ଦ୍ୱାରା ପ୍ରଭାବିତ । ଶୀତଦିନେ ପ୍ରଚୁର ଶୀତ ସହିତ ଗ୍ରୀଷ୍ମଦିନେ ଅନୁଭୂତ ନାତିଶୀତୋଷ୍ଣ ଜଳବାୟୁ ଏହାର ଅଧିବାସୀଙ୍କୁ ଶ୍ୱେତାଙ୍ଗ କରିଛି । ଦକ୍ଷିଣ ଆୟାର୍ଲାଣ୍ଡ, ଇଂଲଣ୍ଡ ଓ ସ୍କଟ୍ଲାଣ୍ଡର ମିଳିତ ଭୌଗୋଳିକ ଭୂଖଣ୍ଡକୁ ଗ୍ରେଟ୍ ବ୍ରିଟେନ୍ କୁହାଯାଏ । ସ୍ଥାନୀୟ ବୈଚିତ୍ର୍ୟକୁ ବାଦ୍‌ଦେଲେ ଏହାର ସଂସ୍କୃତି ମୁଖ୍ୟତଃ ଏକ ପ୍ରକାର । ସବୁ ଦ୍ୱୀପ ପାହାଡ଼-ପର୍ବତ, ବଣ ଜଂଗଲ, ଝରଣା ଓ ପ୍ରପାତରେ ପୂର୍ଣ୍ଣ । ଫୁଲ ଫଳ ପରିପୂର୍ଣ୍ଣ ସୁରମ୍ୟ ଉପତ୍ୟାକା ଦର୍ଶକଙ୍କୁ ମୁଗ୍ଧକରେ ।

ବାତ୍ୟା ବିକ୍ଷୁବ୍ଧ ନୀଳ ସାଗର ପରିବେଷ୍ଟିତ ଇଂଲଣ୍ଡର ଲେକ୍‌ଡିସ୍‌ଟ୍ରିକ୍ଟ

Digitized by PPRACHIN, SOA

ବିଶ୍ୱପ୍ରସିଦ୍ଧ ରୋମାଣ୍ଟିକ୍ କବି ଉଇଲିୟମ୍ ଉଆର୍ଡ୍‌ସ୍ ଉଆର୍ଥଙ୍କ ଜନ୍ମସ୍ଥାନ । ପ୍ରକୃତି ଓ ପରିବେଶ ମଣିଷର ଜୀବନଧାରାକୁ ବହୁଭାବରେ ପ୍ରଭାବିତ କରିଥାଏ । କବି ଉଆର୍ଡ୍‌ସ୍ ଉଆର୍ଥଙ୍କ ଜୀବନ ଦର୍ଶନ ଏହାର ଏକ ଉଦାହରଣ । ପିଲାଦିନେ ପ୍ରକୃତିର ଭୟଙ୍କର ରୂପଦେଖି ସେ ଡରିଯାଉଥିଲେ କିନ୍ତୁ ଯୌବନରେ ପ୍ରକୃତିର ସେହି ରୂପରେ ମୁଗ୍ଧହୋଇ ତାର ବର୍ଣ୍ଣ ବୈଚିତ୍ର୍ୟକୁ ନିବିଡ଼ ଭାବେ ଉପଭୋଗ କରୁଥିଲେ । ପ୍ରୌଢ଼ାବସ୍ଥାରେ ପ୍ରକୃତିକୁ ଗୁରୁର ମର୍ଯ୍ୟାଦା ଦେଇଥିଲେ ।

ବିଜନତା ପ୍ରତି କବିଙ୍କର ଥିଲା ଗଭୀର ଆସକ୍ତି । ତାଙ୍କ ରଚିତ ରୋମାଣ୍ଟିକ୍ କବିତା Solitary reaper ସାହିତ୍ୟ ଜଗତର ଏକ ଅନବଦ୍ୟ ସୃଷ୍ଟି । କବି ଥିଲେ ମାନବବାଦୀ ଓ ପ୍ରକୃତିର ଉପାସକ । ଯୁବକ କବି ଉଆର୍ଡ୍‌ସ ଉଆର୍ଥଙ୍କ ଭଉଣୀ ଡରୋଥୀ ଓ କବିବଂଧୁ ଉଇଲିୟମ୍ କଲେରିଜଙ୍କ ସହିତ ଫୁଲଫଳ ଶୋଭିତ ବଣ ଜଂଗଲ ଓ ପ୍ରପାତ-ସରିତ ପୂର୍ଣ୍ଣ ଗିରି କାନ୍ତାର ବୁଲିବାରେ ଆନନ୍ଦ ଅନୁଭବ କରୁଥିଲେ । ଏକଦା ଏହିପରି ବୁଲୁବୁଲୁ ଭଉଣୀ ଡରୋଥୀ ଓ ବଂଧୁ କଲେରିଜ୍ ଜଂଗଲର ଗୋଟିଏ ଦିଗକୁ ଚାଲିଗଲେ ଓ ଉଆଡସ୍ ଉଆର୍ଥ ଏକ ଫସଲ ଭରା ସୁରମ୍ୟ ଉପତ୍ୟକାର ସନ୍ନିକଟ ହେଲେ । ଏକ ଲଳିତ ମଧୁର ବିଷାଦ ରାଗିଣୀ ତାଙ୍କ କର୍ଣ୍ଣ ଗୋଚର ହେଲା । ଉଦାର କବିପ୍ରାଣ ଦରଦରେ ଦ୍ରବୀଭୂତ ହେଲା । ପାଦର ଗତି ଶିଥିଳ ହେଲା, ଚକ୍ଷୁ ପ୍ରସାରିତ ଓ କର୍ଣ୍ଣ ଉତ୍କୀର୍ଣ୍ଣ ହେଲା । କ'ଣ ଦେଖିଲେ କବି ? ଦେଖିଲେ ଏକ ତନ୍ୱୀ ତରୁଣୀ ସ୍କଟିସ୍ ସୁନ୍ଦରୀ ସେହି ନିର୍ଜନ କ୍ଷେତ୍ରରେ ସୁନେଲି ଫସଲ ଅମଳ କରିବାରେ ନିମଗ୍ନ । ସ୍କଟ୍‌ଲାଣ୍ଡର ଏହି ପାର୍ବତ୍ୟାଞ୍ଚଳରେ ଜନବସତିର ସ୍ୱଳ୍ପତା ବିଶେଷ ଅନୁଭୂତ । ପୁରୁଷଙ୍କ ଅପେକ୍ଷା ନାରୀ ଅଧିକ କର୍ମଠ । ଶ୍ରମକରି ଜୀବିକା ନିର୍ବାହ କରିବା ଏମାନଙ୍କର ନିଜସ୍ୱ ସଂସ୍କୃତି । ଆର୍ଯ୍ୟାବର୍ତ୍ତର ପାହାଡ଼ି ଲଳନାମାନଙ୍କ ସହିତ ସ୍କଟ୍‌ଲାଣ୍ଡ ପାହାଡ଼ି କନ୍ୟାଙ୍କ କି ଅପୂର୍ବ ସାମଞ୍ଜସ୍ୟ । ବାସ୍ତବିକ ବିଶ୍ୱର ବୈଭବ ହେଉଛି ଏହି ବିଶ୍ୱାୟନ ସଂସ୍କୃତି। ଏହା କୌଣସି ଜାତିର ନୁହେଁ, ଏହା ସମଗ୍ର ଜଗତର ଜୈବସତ୍ତାର ପ୍ରେମର ରଜ୍ଜୁ ।

Digitized by PPRACHIN, SOA

କବି ଉଆର୍ଡ଼ସ୍ ଉଆର୍ଥ ସ୍ଥିର ହୋଇ ଶୁଣୁଥାନ୍ତି ତରୁଣୀର ବେଦନାସିକ୍ତ ଭାବାବେଗ । ସ୍ଥାନୀୟ ସ୍କଟିସ୍ ଭାଷାର ଗୀତକୁ ବୁଝିବାକୁ ଅସମର୍ଥ କବି ତାର ଭାବକୁ ଅନ୍ତରରେ ବିଶ୍ଳେଷଣ କରୁଥାନ୍ତି । ତରୁଣୀର ସଂଗୀତ ଆରବ ମରୂଦ୍ୟାନର ନାଇଟିଙ୍ଗଲ ଓ ଶୀତପ୍ରଧାନ ଇଉରୋପର ଉତ୍ତରାଂଶରେ ଥିବା ଲେବ୍ରିଡେମ୍ ଦୀପପୁଞ୍ଜର କୋଇଲିର ସଂଗୀତ ଠାରୁ ମଧ୍ୟ ଅଧିକ ପ୍ରୀତିକର । କବିଙ୍କ ଭାବନାରେ ସଂଗୀତରେ ଅତୀତର ଯୁଦ୍ଧ ବିଭୀଷିକା କିମ୍ୱା ବର୍ତ୍ତମାନର ଦୈନନ୍ଦିନ ଜୀବନର ଉତ୍କଟ ସମସ୍ୟାର ତିକ୍ତ ଅନୁଭୂତି ଅନୁରଣିତ ହେଉଥିଲା । କବି ଉପତ୍ୟାକା ଛାଡ଼ି ପାହାଡ଼ ଚଢ଼ିଲେ କିନ୍ତୁ ସଂଗୀତର ପ୍ରଭାବକୁ ହୃଦୟରେ ତୋଳି ଧରିଲେ ଯାହାକି ତାଙ୍କୁ ଶାଶ୍ୱତ ଆନନ୍ଦର ଅମୀୟ ଧାରାରେ ପ୍ଲାବିତ କରିଦେଲା ।

■ ■

Digitized by PPRACHIN, SOA

ଶହୀଦ ଉଧମ ସିଂ

ରକ୍ତ ରଂଜିତ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମର ଶହୀଦମାନଙ୍କ ମଧ୍ୟରେ ଉଧମ ସିଂ ଥିଲେ ଜଣେ ଅବିସ୍ମରଣୀୟ ପ୍ରତିଭା । ଜୀବନ ଓ ଜାତୀୟତା ମଧ୍ୟରେ ସେ ଜାତୀୟତାକୁ ଅଧିକ ମହତ୍ୱ ଦେଉଥିଲେ । ସାତବର୍ଷ ବୟସ ବେଳକୁ ସେ ପିତୃମାତୃହୀନ ହୋଇ ସାରିଥିଲେ । ଅସହାୟ ଉଧମ ସିଂ ଓ ବଡ଼ଭାଇ ସାଧୁ ସିଂ ଅମୃତସରର ଏକ ଶିଖ ଅନାଥାଶ୍ରମରେ ଲାଳିତପାଳିତ ହୋଇ ଶିକ୍ଷାଲାଭ କରିଥିଲେ । ଉଧମ ସିଂ ଖୁବ୍ ସ୍ୱାଧୀନ ଚେତାଥିଲେ ଓ ବିଦେଶୀ ଶାସନପ୍ରତି ତାଙ୍କର ଅନାସ୍ଥା ଭାବ ଥିଲା । ନିଜ ଦେଶରେ ପରାଧୀନ ଜୀବନଯାପନକୁ ସେ ପସନ୍ଦ କରୁନଥିଲେ । ଯୌବନର ପ୍ରାରମ୍ଭରେ ଏକ ମର୍ମାନ୍ତିକ ଦୁଃଖଦ ଘଟଣା ତାଙ୍କ ଜୀବନର ଗତିପଥ ବଦଳାଇ ଦେଲା । ଘଟଣାଟି ଏପରି ଥିଲା –

୧୯୧୯ ମସିହା ଏପ୍ରିଲ ୧୩ ତାରିଖ । ପଂଜାବର ଅମୃତସରର

Digitized by PPRACHIN, SOA

ଜାଲିଆନା ଉଆଲାବାଗ୍‌ରେ ସମାଜର ବିଭିନ୍ନ ବର୍ଗର ହଜାର ହଜାର ନରନାରୀ ଉପସ୍ଥିତ ଥାଆନ୍ତି । ସେମାନେ ସମସ୍ତେ ନିରସ୍ତ୍ର ଥିଲେ ଓ ସମାବେଶ ଥିଲା ବେଶ୍ ଶାନ୍ତିପୂର୍ଣ୍ଣ । ସ୍ୱାଧୀନତା ସଂଗ୍ରାମରେ ନେତୃତ୍ୱ ନେଇ ଲଢୁଥିବା ଓ ଇଂରେଜ ସରକାର ଦ୍ୱାରା ବଂଦୀ ହୋଇ କାରାଗାରରେ ଥିବା ସେମାନଙ୍କର ପ୍ରିୟ ନେତାମାନଙ୍କୁ କାରାମୁକ୍ତ କରିବାଥିଲା ସେମାନଙ୍କର ଦାବୀ । ମାନବିକତାର ପରିପନ୍ଥୀ ଓ ସ୍ୱେଚ୍ଛାଚାରୀ ଶାସନ ପରିଚାଳନାରେ ଅଭ୍ୟସ୍ତ କତିପୟ ଇଂରେଜ କର୍ମକର୍ତ୍ତାଙ୍କ ପକ୍ଷେ ଲୋକଙ୍କର ଏପ୍ରକାର ସମାବେଶକୁ ସହଜରେ ଗ୍ରହଣ କରାଯାଇ ପାରିଲାନାହିଁ । ସେହି ଗର୍ବୋନ୍ନତ ଉଦ୍ଧତ କର୍ମଚାରୀଙ୍କ ମଧ୍ୟରେ ଥିଲେ ପଂଜାବର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର ମାଇକେଲ୍ ଓଡାୟାର । ଇଂରେଜ ପଦାତିକବାହିନୀର ଜଣେ ବରିଷ୍ଠ ଅଧିକାରୀ ଜେନେରାଲ ଡାୟାର ଓ ସେକ୍ରେଟାରୀ ଅଫ୍‌ଷ୍ଟେଟ୍ ଫର୍ ଇଣ୍ଡିଆ ଜର୍ଜ ଜେଟଲାଣ୍ଡ । ସେମାନଙ୍କ ଗୁପ୍ତ ମନ୍ତ୍ରଣାକ୍ରମେ ଜେନେରାଲଡାୟାର ମାରଣାସ୍ତ୍ରରେ ସଜ୍ଜିତ ସଶସ୍ତ୍ର ବାହିନୀ ନେଇ ନିରୀହ ଜନତା ଉପରେ ଆକ୍ରମଣ ଆରମ୍ଭ କରିଦେଲେ । ସଭାସ୍ଥଳର ପ୍ରବେଶ ପଥରୁ ଗୁଳି ଚାଲିଲା । ଲୋକଙ୍କ ପକ୍ଷରେ ସଭାସ୍ଥଳରୁ ପଳାୟନ କରି ଆତ୍ମରକ୍ଷା କରିବାର କୌଣସି ବାଟ ନଥିଲା । ଗୁଳି ଗୋଳାର ଗୁଡୁମ୍ ଗୁଡୁମ୍ ଶବ୍ଦ ଦଶ ମିନିଟ୍‌ରୁ ଅଧିକ ସମୟ ଚାଲିଲା । ଶହ ଶହ ଆବାଳ ବୃଦ୍ଧ ବନିତା ସଭାସ୍ଥଳରେ ଟଳିପଡ଼ିଲେ । ସଂଖ୍ୟାତୀତ ଆହତଙ୍କ କରୁଣ ଆର୍ତ୍ତନାଦରେ ସଭାସ୍ଥଳ ଫାଟି ପଡୁଥାଏ ।

ଅମାନବିକତାର ଚରମ ପ୍ରତିଫଳନର ଏ ବିଭତ୍ସ ଦୃଶ୍ୟ ଅନ୍ୟ ଅନେକ ଯୁବକଙ୍କ ପରି ଉଧମ ସିଂ ଅତି ନିକଟରୁ ଅତ୍ୟନ୍ତ ମାନସିକ ଗ୍ଲାନିର ସହ ଦେଖିଥିଲେ । ତାଙ୍କ ଶରୀରର ଗରମ ରକ୍ତ ପ୍ରତି ଶିରା ପ୍ରଶିରାରେ ଟିନ୍ ଟିନ୍ କରି ଉଠିଲା । ମହାନ୍ ଭାରତୀୟ ଜାତୀୟତାରେ ଅଭିମନ୍ତ୍ରିତ ତାଙ୍କ ପ୍ରାଣଶକ୍ତି ପ୍ରତିଶୋଧ ପାଇଁ ଚିତ୍କାର କରି ଉଠିଲା । ସେ ଦେଶମାତୃକାର ପବିତ୍ର ଧୂଳି ମୁଣ୍ଡରେ ମାରି ଇଂରେଜମାନଙ୍କର ବର୍ବରତାର ପ୍ରତିଶୋଧ ନେବାକୁ ବଜ୍ର ଶପଥ କଲେ । ଭୁଲିଗଲେ ନିଜ ବ୍ୟକ୍ତିଗତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ । ତିନି ରକ୍ତ

Digitized by PPRACHIN, SOA

ପିପାସୁ ଇଂରେଜ ଅଧିକାରୀଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ସେ ସୁଯୋଗ ଅପେକ୍ଷାରେ ରହିଲେ ।

କିନ୍ତୁ ସୁଯୋଗ ସୁବିଧାରେ ତାଙ୍କ ହସ୍ତଗତ ହେଲାନି । ଏଥିପାଇଁ ତାଙ୍କୁ କୋଡ଼ିଏବର୍ଷରୁ ଅଧିକ କାଳ ଅପେକ୍ଷା କରିବାକୁ ପଡ଼ିଲା ଓ ବିଦେଶରେ ଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିପ୍ଳବୀ ସଂଗଠନରେ ତାଙ୍କୁ ତାଲିମ ନେବାକୁ ହେଲା । ସେ ଆଫ୍ରିକା, ଆମେରିକା ଓ ଇଂଲେଣ୍ଡ ଯାଇ ନିଜର ଲକ୍ଷ୍ୟ ଓ ନିଷ୍ପତ୍ତିକୁ ଅଧିକ ପୁଷ୍ଟ କଲେ । ପ୍ରଖ୍ୟାତ ବିପ୍ଳବୀ ଭଗତ ସିଂଙ୍କ ନିର୍ଦ୍ଦେଶକ୍ରମେ ଭାରତକୁ ଫେରିବାମାତ୍ରେ ଲାହୋରରେ ତାଙ୍କୁ ଅସ୍ତ୍ର ଶସ୍ତ୍ର ଆଇନ ବଳରେ ଗିରଫ କରାଯାଇ କାରାରୁଦ୍ଧ କରାଗଲା । ଚାରିବର୍ଷ ଜେଲଦଣ୍ଡ ଭୋଗିବା ମଧ୍ୟରେ ସେ ନିଜର ଆତ୍ମଶକ୍ତିକୁ ମଜବୁତ୍ କରିପାରିଲେ ।

ଜେଲରୁ ମୁକୁଳିବା ପରେ ଉଧମ ସିଂ ନିଜ ଲକ୍ଷ୍ୟ ହାସଲ ପାଇଁ ସୁଚିନ୍ତିତ ଯୋଜନା କରୁଥାନ୍ତି । ଇତିମଧ୍ୟରେ ଜେନେରାଲ ଡାୟାର ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିସାରିଥାନ୍ତି । ଉଧମ ସିଂ ଅବଶିଷ୍ଟ ଦୁଇ ଅଧିକାରୀଙ୍କୁ ଶେଷ କରିବାପାଇଁ ଲକ୍ଷ୍ୟର ନିକଟତର ହେଉଥାନ୍ତି । ଶେଷରେ ତାଙ୍କୁ ଏକ ଅପୂର୍ବ ସୁଯୋଗ ମିଳିଲା । ରୟେଲ ସେଣ୍ଟ୍ରାଲ ଏସିଆନ୍ ସୋସାଇଟି ଏବଂ ଇଷ୍ଟ ଇଣ୍ଡିଆ ଆସୋସିଏସନ୍‌ର ମିଳିତ ଉଦ୍ୟମରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବାର ଥାଏ । ଲଣ୍ଡନର କ୍ୟାକ୍‌ସଟନ୍ ହଲରେ ମାର୍ଚ୍ଚ ୧୩ତାରିଖ ୧୯୪୦ ମସିହାରେ ଏହି ଆଲୋଚନାଚକ୍ର ଚାଲିଥାଏ । ଉଧମ ସିଂ ଯଥେଷ୍ଟ ସତର୍କତାର ସହିତ ରିଭଲଭର ହସ୍ତରେ ଉପଯୁକ୍ତ ସ୍ଥାନରେ ଠିଆ ହୋଇଥାନ୍ତି ।

ନିର୍ଦ୍ଧାରିତ ସମୟରେ ସଭାକାର୍ଯ୍ୟ ଆରମ୍ଭ ହେଲା । କ୍ୟାକ୍‌ସଟନ୍ ହଲ ଜନଗହଳିରେ ପୂର୍ଣ୍ଣ । ଜଣେ ପରେ ଜଣେ ବକ୍ତା ନିଜ ଅଭିମତ ଉପସ୍ଥାପନ କରୁଥାନ୍ତି । ମାଇକେଲ ଓ.ଡାୟାରଙ୍କ ପାଳି ଆସିବାମାତ୍ରେ ସେ ଛିଡ଼ା ହୋଇ ଚିରା ଚରିତ ଶୈଳୀରେ ଭାଷଣ ଆରମ୍ଭ କଲେ । ଉଧମ ସିଂଙ୍କ ଶରୀରରେ ତଡ଼ିତ ପ୍ରବାହ । ରିଭଲଭରର ଟ୍ରିପାର ଉପରେ ତାଙ୍କ ଅଂଗୁଳି ଦୃଢ଼ ହେଲା ।

Digitized by PPRACHIN, SOA

ସାର ମାଇକେଲ ଡାୟାର ତାଙ୍କ ଭାଷଣ ଶେଷକରି ନିଜ ଆସନରେ ବସିବାମାତ୍ରେ ରିଭଲଭର ଗର୍ଜିଉଠିଲା । ଲକ୍ଷ୍ୟ ଅବ୍ୟର୍ଥ ଥିଲା । ଡାୟାର ନିଜ ଆସନରେ ଟଳିପଡ଼ିଲେ । ଦର୍ଶକମଣ୍ଡଳୀରେ ହଇଚଇ । ଉଧମ ସିଂ କିନ୍ତୁ ଦୃଢ଼ଭାବେ ନିଜ ସ୍ଥାନରେ ରିଭଲଭର ଧରି ଠିଆ ହୋଇଥାନ୍ତି । ପ୍ରତିଶୋଧ ନେଇଛନ୍ତି ବୋଲି ମନ ତାଙ୍କ ଆନନ୍ଦରେ ଉଦ୍‌ବେଳିତ । ଗର୍ବରେ ଛାତି ଫୁଲିଉଠୁଥାଏ ।

ପୋଲିସ୍ ତାଙ୍କୁ ଗିରଫ୍ କଲା । ଅଦାଲତରେ ବିଚାର ଚାଲିଲା । ଏପ୍ରିଲ୍ ୨ ତାରିଖ ୧୯୪୦ ମସିହାରେ ଉଧମ ସିଂ ଦୃଢ଼ଭାବେ ନିଜ କାର୍ଯ୍ୟ ପାଇଁ ଯୁକ୍ତି ଉପସ୍ଥାପନ କଲେ । ବିଚାରରେ ତାଙ୍କୁ ରାୟ ମିଳିଲା ଫାଶୀ ଦଣ୍ଡ । ପେଣ୍ଟନ ଭିଲ୍ଲା ଜେଲ ମଧ୍ୟରେ ଫାଶୀ ମଂଚ ଉପରେ ଉଧମ ସିଂ ହସହସ ମୁହଁରେ ଠିଆ ହୋଇଥାନ୍ତି । ଫାଶୀ ରଜ୍ଜୁ ତାଙ୍କ ବେକରେ ଗଳାଇ ଦିଆଗଲା । ତାଙ୍କ ପାଟିରୁ ବାହାରିପଡ଼ିଲା ବନ୍ଦେ ମାତରଂ । ନିମିଷକେ ତାଙ୍କ ଶରୀର ଝୁଲିପଡ଼ିଲା ନିସ୍ତେଜ ହୋଇ । ଉଧମ ସିଂଙ୍କ ପରି ବୀର ଶହୀଦଙ୍କୁ ଜନ୍ମ ଦେଇ ଭାରତଭୂମି ଧନ୍ୟ ହୋଇଛି ।

■ ■

Digitized by PPRACHIN, SOA

ଇଞ୍ଚକେପ୍ ରକ୍

ଇଉରୋପର ଉତ୍ତର ପଶ୍ଚିମରେ ଅବସ୍ଥିତ ସ୍କଟ୍‌ଲାଣ୍ଡ ପ୍ରାକୃତିକ ଶୋଭାରେ ଭରପୂର । ଏହାର ପୂର୍ବତଟ ସୀମାହୀନ ସାଗରର ଅତଳ ଜଳରାଶି ତଳେ ନିମଜ୍ଜିତ ଅସଂଖ୍ୟ ଶୈଳ ଶିରାମାନଙ୍କ ମଧ୍ୟରେ ଇଂଚକେପ୍‌ରକ୍ ଅନ୍ୟତମ । ବନ୍ଦନୀୟ କବି ରବର୍ଟ ସାଉଦିଙ୍କ କଲମମୁନର ଯାଦୁକରୀ ସ୍ପର୍ଶରେ ଏହା ବିଶ୍ୱ ପରିଚିତ ଲାଭ କରିଛି । ମହାସାଗରୀୟ ଉଦ୍‌ବେଳନ କିମ୍ବା ସାମୁଦ୍ରିକ ଝଡ଼ବେଳେ ସମୁଦ୍ର ଅଶାନ୍ତ ରହେ । ଏହି ସମୟରେ ଇଂଚକେପ୍‌ରକ୍ ଜଳ ପୃଷ୍ଠର ନିମ୍ନରେ ରହୁଥିବାରୁ ସମୁଦ୍ରଗାମୀ ଜାହଜଗୁଡ଼ିକ ତାର ଅବସ୍ଥିତି ଆକଳନ କରି ନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଥିଲେ । ଫଳରେ ବହୁ ଧନ ଜୀବନ ନଷ୍ଟ ହେଉଥିଲା ।

ଦୟାର୍ଦ୍ରଚିତ୍ତ ଏବାରବ୍ରୁଥର ଖ୍ରୀଷ୍ଟ ମଠାଧୀଶ ଘଟଣାର ଦୟନୀୟ ସ୍ଥିତି ଅନୁଭବ କରି ତାର ପ୍ରତିକାର ବିଧାନର ବ୍ୟବସ୍ଥା କଲେ । ସେ ଇଂଚକେପ୍‌ରକ୍ ଉପରେ ଏକ ବଡ଼ ଘଣ୍ଟା ବାଂଧି ଦେଲେ, ଯାହା ସମୁଦ୍ରର ଢେଉରେ ଆନ୍ଦୋଳିତ

Digitized by PPRACHIN, SOA

ହୋଇ ଜୋର ଶବ୍ଦ କରିବ ଏବଂ ନାବିକମାନେ ରାତିର ଅନ୍ଧାରରେ କିମ୍ବା ପ୍ରତିକୂଳ ପାଗ ସମୟରେ ଇଂଚକେପ୍‌ରକର ସତର୍କ ଘଣ୍ଟି ଶୁଣି ସେମାନଙ୍କ ଜାହାଜକୁ ସୁରକ୍ଷିତ ରାସ୍ତାରେ ଚଳାଇ ଜୀବନରକ୍ଷା କରିପାରିବେ । ଖ୍ରୀଷ୍ଟ ମଠାଧୀଶଙ୍କ ଉତ୍ତମ କାର୍ଯ୍ୟପାଇଁ ସମଗ୍ର ଇଉରୋପରେ ତାଙ୍କ ପ୍ରଶଂସା ବ୍ୟାପିଯାଇଥିଲା ।

ସାଗରବକ୍ଷରେ ଦସ୍ୟୁ ବୃତ୍ତି ନୌପରିବହନରେ ଏକ ସମସ୍ୟାରୂପେ ଚିନ୍ତାର କାରଣ ହୋଇ ରହିଛି । ଏଥିପାଇଁ ବହୁମୂଲ୍ୟବାନ ଜୀବନ ଯାଇଛି ଓ ବହୁତ ପଣ୍ୟଦ୍ରବ୍ୟ ଲୁଣ୍ଠିତ ହୋଇଛି । ଏକ ପ୍ରମୁଖ ଜଳଦସ୍ୟୁ ଭାବେ ସାର ରାଲ୍‌ଫ ଦି ରୋଭରର ଅପଖ୍ୟାତି ଇଉରୋପରେ ସର୍ବତ୍ର ବିଦିତ । ସେ ଏକ ଦୁର୍ଦ୍ଧର୍ଷ ବାହିନୀ ଗଠନ କରି ସମୁଦ୍ରରେ ତାର ସାମ୍ରାଜ୍ୟ ବିସ୍ତାର କରିଥାଏ । ବସନ୍ତଋତୁର ମନୋମୁଗ୍ଧକର ପରିବେଶରେ ଉଲ୍ଲସିତ ହୋଇ ରୋଭର ନୂତନ ଲକ୍ଷ୍ୟର ଅନୁସଂଧାନରେ ତାର ଜାହାଜ ମେଲିଥାଏ । ଦୂରରୁ ସାଗର ବକ୍ଷରେ ଭାସମାନ ଏକ କଳାରଂଗର ବସ୍ତୁ ତାର ଦୃଷ୍ଟିଗୋଚର ହେଲା ଏବଂ ସେହି ବସ୍ତୁର ଆପତ୍‌କାଳୀନ ଡିଙ୍ଗଡାଙ୍ଗ ଶବ୍ଦର ସତର୍କତା ସେ ଗଭୀର ମନୋଯୋଗ ସହକାରେ ଶୁଣିଲା । ଉଦାର ହୃଦୟ ମାନବପ୍ରେମୀ ମହତ୍ ଲୋକଙ୍କର ମହନୀୟ କାର୍ଯ୍ୟର ପ୍ରଭାବ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ତସ୍କରମାନଙ୍କ ଉପରେ ପଡ଼ିନଥାଏ । ରୋଭର ଜାହାଜରେ ଜୀବନତରୀ ସାହାଯ୍ୟରେ ସହଯୋଗୀମାନଙ୍କୁ ନେଇ ଇଂଚକେପ୍ ରକ୍ ପାଖକୁ ଗଲା ଓ ସେଥିରେ ବଂଧାଥିବା ବହୁ ପ୍ରଶଂସିତ ଘଣ୍ଟାଟିକୁ କାଟିଦେଲା । ଘଣ୍ଟାଟି ଘୁଡୁଘୁଡୁ ଶବ୍ଦ କରି ସମୁଦ୍ରର ଅତଳ ଗର୍ଭକୁ ଚାଲିଗଲା । ରୋଭର ଆନନ୍ଦରେ ନାଚିଉଠିଲା । ସେ ଭାବିଲା ଘଣ୍ଟାସହ ଖ୍ରୀଷ୍ଟ ମଠାଧୀଶଙ୍କ ସୁନାମ ମଧ୍ୟ ପାଣିରେ ମିଶିଗଲା । ଏଣିକି ଆଉ କେହି ଏବଟଙ୍କୁ ପ୍ରଶଂସା କରିବେ ନାହିଁ ଏବଂ ତା'ର ଦସ୍ୟୁବୃତ୍ତି ସ୍ୱଚ୍ଛନ୍ଦରେ ଚାଲିବ । ମଣିଷ ଭାବେ ଏକ କିନ୍ତୁ ଘଟଣା ଘଟେ ଭିନ୍ନ । ସୃଷ୍ଟିଚକ୍ର ତା' ମାର୍ଗରେ ଗତିକରେ ତାକୁ ନିଜ ଅଧୀନକୁ ଆଣିବା କ୍ଷମତା କାହାରି ନଥାଏ । ସୃଷ୍ଟିର ନିୟମ ସାଧୁ ପୁରସ୍କୃତ ହେବେ ଏବଂ ଦୁଷ୍କୃତକାରୀ ଦଣ୍ଡିତ ହେବେ ।

Digitized by PPRACHIN, SOA

ଲୁଣ୍ଠିତ ଦ୍ରବ୍ୟରେ ଭରପୂର ଜାହାଜକୁ ନେଇ ରୋଭର ଆନନ୍ଦରେ ନିଜ ଦେଶ ସ୍କଟଲାଣ୍ଡ ଫେରୁଥାଏ । ରାତ୍ରିର ଘନ କୁହୁଡ଼ିରେ ସମଗ୍ର ପରିବେଶ ଆଚ୍ଛାଦିତ । ଗଭୀର ସାଗର ବକ୍ଷରେ ସମୟ ଓ ସ୍ଥାନ ନିରୂପଣ କରିବା କଷ୍ଟକର ଥାଏ । ରୋଭର ଭାବୁଥାଏ ଚନ୍ଦ୍ର ଉଦୟ ହେଲେ ଅବସ୍ଥାର କିଛିଟା ପରିବର୍ତ୍ତନ ଘଟିବ । ଆଶନ୍ତ ସମୁଦ୍ର ଶାନ୍ତ ହୋଇପାରେ । କିନ୍ତୁ ନିୟତିର ବିଧାନ ଭିନ୍ନଥିଲା । ସମୁଦ୍ରର ଘୋଘୋ ଗର୍ଜନ ନିକଟତର ହେଲା । ଉପକୂଳ ନିକଟବର୍ତ୍ତୀ ହେବାର ସମ୍ଭାବନା ଉଜ୍ଜ୍ୱଳ ହୋଇଉଠିଲା । ସେମାନେ ଉଲ୍ଲସିତ ହୋଇଉଠିଲେ ।

ହଠାତ୍ ଜଣେ ଦସ୍ୟୁ କହିଲା, "କ୍ୟାପ୍‌ଟେନ୍, ଆମେ ଉପକୂଳ ନୋହୁଁ, ଇଂଚକେପ୍‌ରକର ନିକଟବର୍ତ୍ତୀ ହୋଇଛୁଁ । ସେମାନଙ୍କର ଆନନ୍ଦ ବିଷାଦରେ ପରିଣତ ହେଲା । ମୃତ୍ୟୁ ଜୀବନ୍ତ ହୋଇଉଠିଲା । ଜାହାଜକୁ ନିରାପଦ ରାସ୍ତାରେ ନେବାପାଇଁ ସେମାନଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ପ୍ରଖର ସ୍ରୋତ ଓ ଉତ୍ତାଳ ତରଂଗରେ ଜାହାଜଟି ଇଂଚକେପ୍‌ରକ୍ ସହିତ ଧକ୍କାଖାଇ ଖଣ୍ଡଖଣ୍ଡ ହୋଇଗଲା । ଭଂଗା ଜାହଜଟି ସମୁଦ୍ରରେ ବୁଡ଼ିବାକୁ ଲାଗିଲା । ରୋଭର ଆଗରେ ମୃତ୍ୟୁ ସାକାର ହୋଇଉଠିଲା । ନିଜ କୁକର୍ମର ପରିଣାମ ଚିନ୍ତାକରି ରୋଭର କପାଳରେ ହାତମାରୁଥାଏ ଓ ମୁଣ୍ଡର କେଶକୁ ଟାଣି ଛିଣ୍ଡି ପକାଉଥାଏ । ଇଂଚକେପ୍ ରକର ଘଣ୍ଟାଶବ୍ଦ ତା' କର୍ଣ୍ଣ ଗହ୍ୱରରେ ହେଉଥାଏ । ସେ ଭାବୁଥାଏ ପାତାଳର ପିଶାଚମାନେ ଆନନ୍ଦରେ ଘଣ୍ଟା ଶବ୍ଦ କରି କରି ତାର କରାଳ ମୃତ୍ୟୁକୁ ସ୍ୱାଗତ କରୁଛନ୍ତି । ଚାହୁଁ ଚାହୁଁ ଭଗ୍ନ ଜାହାଜର ଅବଶିଷ୍ଟ ଅଂଶ ସମୁଦ୍ରଗର୍ଭରେ ନିମଗ୍ନ ହେଲା ଓ ତା' ସହିତ ରୋଭରର ମଧ୍ୟ ଜଳ ସମାଧି ଘଟିଲା । ଅପକର୍ମ ଓ ଈର୍ଷାର ପରିଣାମ ଏପରି ଭୟଙ୍କର ହୋଇଥାଏ ।

■ ■

Digitized by PPRACHIN, SOA

ଦ୍ରୌପଦୀଙ୍କ ଶେଷଯାତ୍ରା

ଦ୍ୱାପରଯୁଗରେ ସଂଘଟିତ ମହାଭାରତ ଯୁଦ୍ଧ ସଦ୍ୟ ସମାପ୍ତ । ଆର୍ଯ୍ୟାବର୍ତ୍ତର ଚକ୍ରବର୍ତ୍ତୀ ସମ୍ରାଟ୍ ରୂପେ ଧର୍ମପୁତ୍ର ଯୁଧିଷ୍ଠିର ସିଂହାସନରେ ଅଭିଷିକ୍ତ । ସମ୍ରାଟଙ୍କ ଶକ୍ତି ବଢ଼ିଛି । ପ୍ରଜାଙ୍କୁ ସୁଶାସନ ମିଳିଛି କିନ୍ତୁ ଦେଶରେ ନାହିଁନାହିଁର ଏକ ନୀରବତା । କଳ କଳ ଛଳଛଳ ଯୁବଶକ୍ତି ବିଲୁପ୍ତ । ମାଆ ଆଜି ପୁତ୍ରହରା, ପତ୍ନୀ ଆଜି ସ୍ୱାମୀହରା, ସନ୍ତାନ ଆଜି ପିତୃହରା । କାହାକୁ ନେଇ ଦେଶ ଆଜି ମୁଣ୍ଡ ଟେକିବ । ଶତପୁତ୍ରର ଜନନୀ ଗାନ୍ଧାରୀଙ୍କ ଆଖିରୁ ଲୁହ ଝରୁଛି । ପାଞ୍ଚ ପୁତ୍ରର ଜନନୀ ପାଞ୍ଚାଳୀଙ୍କ କୋଳଶୂନ୍ୟ । ବୀରଶୂନ୍ୟା ବସୁନ୍ଧରା । ଦେଶରେ ଏକ ଥମ୍ ଥମ୍ ଭାବ । କାହାରି ମନରେ ଶାନ୍ତିନାହିଁ, ସରାଗ ନାହିଁ, ଆନନ୍ଦ ନାହିଁ । କୌରବ ପକ୍ଷର ଏଗାର ଅକ୍ଷୌହିଣୀ ଓ ପାଣ୍ଡବ ପକ୍ଷର ସାତ ଅକ୍ଷୌହିଣୀ ସୈନ୍ୟ ସମସ୍ତେ ମହାସଂଗ୍ରାମରେ ନିହତ । ଦୁର୍ମଦ ଦୁର୍ଯ୍ୟୋଧନର ଈର୍ଷା ଓ ଅହଙ୍କାର ପ୍ରଜାଙ୍କର ଦୁଃଖର କାରଣ ହୋଇଛି ।

ପୁତ୍ରହନ୍ତା ପାଣ୍ଡବମାନଙ୍କ ଅନ୍ନଖାଇ ବଂଚିବାକୁ ଅନିଚ୍ଛା ପ୍ରକାଶ କରି ଧୃତରାଷ୍ଟ୍ର ବାନପ୍ରସ୍ଥାଶ୍ରମ ଅବଲମ୍ବନ କଲେ । ସାଥିରେ ଥାଆନ୍ତି ଗାନ୍ଧାରୀ, କୁନ୍ତୀ ଓ ଓ ବିଦୁର ।

Digitized by PPRACHIN, SOA

କିଛିଦିନ ପରେ ସମସ୍ତେ ଦାବାଗ୍ନିରେ ପୋଡ଼ିହୋଇ ନିହତ ହେବାର ସମ୍ବାଦ ପାଣ୍ଡବମାନେ ଜାଣି ଦୁଃଖରେ ଅଭିଭୂତ ହେଲେ । ଦ୍ୱାରିକାଧୀଶ ଶ୍ରୀକୃଷ୍ଣଙ୍କ ସହିତ ତୃତୀୟ ପାଣ୍ଡବ ଅର୍ଜୁନ ଅରଣ୍ୟ ବିହାର କରୁଥାନ୍ତି । ଶିଆଳି ଲତାରେ ପ୍ରସ୍ତୁତ ଦୋଳିରେ ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ଆନନ୍ଦରେ ଦୋଳି ଝୁଲୁଥାନ୍ତି । ତାଙ୍କର ପାଦ ପଦ୍ମକୁ ମୃଗର କର୍ଣ୍ଣ ବିବେଚନା କରି ଜାରା ଶବର ବିଷାକ୍ତ ଶର ନିକ୍ଷେପ କରିଛି । ଶବରର ଲକ୍ଷ୍ୟ ଅବ୍ୟର୍ଥ । ଶର ବାସୁଦେବଙ୍କ ପଦାରବିନ୍ଦକୁ ବିଦ୍ଧ କରିଛି । ଶ୍ରୀକୃଷ୍ଣଙ୍କ କ୍ଷତାକ୍ତ ପାଦରୁ ରକ୍ତ ଝରୁଛି । ଅର୍ଜୁନ ଦୁଃଖରେ ମ୍ରିୟମାଣ । ବାସୁଦେବ ଅର୍ଜୁନଙ୍କୁ ସାନ୍ତ୍ୱନା ଦେଇ କହିଲେ, ଧନଞ୍ଜୟ । ମୋର ମାନବଲୀଳା ଏହିଠାରେ ସମାପ୍ତ ।-ମୁଁ ମୋର ଗୋଲକଧାମକୁ ପ୍ରତ୍ୟାବର୍ତ୍ତନ କରିବି । ଯାଦବ ବୀରମାନେ ଏରକ୍କା ଅରଣ୍ୟରେ ପରସ୍ପର ମଧ୍ୟରେ ଲଢ଼େଇ କରି ସମେସ୍ତ ମୃତ। ତୁମେ ଯାଦବ ରମଣୀମାନଙ୍କୁ ସୁରକ୍ଷା ଦେଇ ନିଜ ରାଜ୍ୟକୁ ନେଇଯାଅ । ଅର୍ଜୁନ ନମ୍ରତାର ସହ ଆଦେଶ ପାଳନ ପାଇଁ ସ୍ୱୀକୃତ ହେଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଆଶୀର୍ବାଦ ଦେଇ ଦିବ୍ୟ ସ୍ୟନ୍ଦନରେ ଗୋଲକଧାମକୁ ଯାତ୍ରାକଲେ । ଯାତ୍ରାର ପଥ ଆଲୋକିତ ହୋଇ ଉଠିଲା, ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେଲା । ଦେବ, ଦେବୀ, ଗନ୍ଧର୍ବ, କିନ୍ନର ସମସ୍ତେ ସ୍ୱାଗତ ଗୀତିକା ଗାନକଲେ । ଶ୍ରୀକୃଷ୍ଣଙ୍କ ବିୟୋଗରେ ଅର୍ଜୁନ ଶୌର୍ଯ୍ୟହୀନ । ଗାଣ୍ଡିବ ତୋଳିବାକୁ ଅକ୍ଷମ । ସମସ୍ତ ଦୁଃଖକୁ ଧାରଣ କରି ଅର୍ଜୁନ ହସ୍ତିନା ଅଭିମୁଖେ ଚାଲିଲେ ଏବଂ ସମ୍ରାଟ୍ ଯୁଧିଷ୍ଠିରଙ୍କୁ ସମସ୍ତ ବିଷୟ ଅବଗତ କଲେ । ଶ୍ରୀକୃଷ୍ଣଙ୍କ ଅବର୍ତ୍ତମାନରେ ପାଣ୍ଡବମାନଙ୍କ ଜୀବନ ଦୁଃସହ ହୋଇଉଠିଲା । ବିଚାର ଆଲୋଚନା ପରେ ଅଭିମନ୍ୟୁ ସୁତ ପରୀକ୍ଷିତଙ୍କୁ ରାଜ୍ୟଭାର ଦେଇ ସେମାନେ ମହାପ୍ରସ୍ଥାନ ପାଇଁ ପ୍ରସ୍ତୁତ ହେଲେ ।

ସମସ୍ତ ରାଜକୀୟ ବିଧିବିଧାନ ସହିତ ପରୀକ୍ଷିତଙ୍କ ରାଜ୍ୟାଭିଷେକ ସରିଲା । ପାଣ୍ଡବମାନେ ଅଶ୍ରୁଳ ନୟନରେ ପ୍ରିୟ ପ୍ରଜା ଓ ପାରିଷଦବର୍ଗଙ୍କଠାରୁ ବିଦାୟ ନେଇ ସ୍ୱର୍ଗାରୋହଣ ନିମିତ୍ତ ଯାତ୍ରା ଆରମ୍ଭ କଲେ । ହିମାଳୟର ପଥ ଯେତିକି ବନ୍ଧୁର ସେତିକି କ୍ଳେଶଦାୟକ । ଯାତ୍ରାର ନେତୃତ୍ୱ ନେଇଥାନ୍ତି ଧର୍ମପୁତ୍ର ଯୁଧିଷ୍ଠିର । ପଛକୁ ପଛ ମଧ୍ୟମ ପାଣ୍ଡବ ଭୀମ, ତୃତୀୟ ପାଣ୍ଡବ ଅର୍ଜୁନ, ନକୁଳ, ସହଦେବ ଓ ଦ୍ରୌପଦୀ ।

କିଛି ସମୟ ପର୍ବତାରୋହଣ ପରେ ତେଜସ୍ୱିନୀ ଦ୍ରୌପଦୀଙ୍କ ପାଦ ଶିଥିଳ

Digitized by PPRACHIN, SOA

ହୋଇଆସିଲା । ମୁଣ୍ଡର ସ୍ଥିତି ଅସ୍ଥିର ହେଲା । ସେ ଗଛତଳେ ବସିପଡ଼ିଲେ । ଆଖିତାଙ୍କ ତନ୍ଦ୍ରିଳ ହୋଇଉଠିଲା । ଚେତନାଶକ୍ତି କ୍ଷୀଣ ହୋଇ ଆସିଲା । ସଂଧ୍ୟା ସମାଗତ । ସୁରଭିତ ମନ୍ଦ ମଳୟର ହିଲ୍ଲୋଳରେ ବହ୍ନିକନ୍ୟା ଯାଜ୍ଞସେନୀ ଚେତନା ଲାଭ କଲେ । ଆଖିମଳି ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ । ସମ୍ମୁଖ ଦିଗରୁ ଏକ ସ୍ୱଚ୍ଛ ନୀଳ ଆଲୋକର ଜ୍ୟୋତିର୍ମଣ୍ଡଳ ତାଙ୍କ ଦୃଷ୍ଟି ଆକର୍ଷଣ କଲା । ଲଳିତ ମଧୁର ବଂଶୀସ୍ୱନ ତାଙ୍କ କାନରେ ପଡ଼ିଲା । ଦେବୀ କୃଷ୍ଣା ଶିହରୀ ଉଠିଲେ । କ'ଣ ଦେଖୁଛନ୍ତି ସିଏ, ଏହା ସ୍ୱପ୍ନ ନା ସତ୍ୟ । ତାଙ୍କ ଜୀବନର ଧ୍ରୁବତାରା ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ଏକ ଦିବ୍ୟ ଯାନରୁ ଅବତରଣ କରି ହସହସ ମୁଖରେ ତାଙ୍କ ଆଡ଼କୁ ପାଦ ପକାଉଛନ୍ତି ।

ମୂରଲୀଧରଙ୍କ ଦର୍ଶନରେ ପାଞ୍ଚାଳୀଙ୍କ ସମସ୍ତ ଅବସାଦ ତିରୋହିତ । ସେ ଶିଳାସନରୁ ଉଠିବାକୁ ଚେଷ୍ଟା କରୁଥାନ୍ତି । ଶ୍ରୀକୃଷ୍ଣ ସମ୍ମୁଖରେ ଉପସ୍ଥିତ । ଦ୍ରୌପଦୀଙ୍କ ହାତଧରି କୃଷ୍ଣ କହିଲେ, "କୃଷ୍ଣା ! ତୁମର ସମସ୍ତ ପରୀକ୍ଷା ସରିଛି, ତୁମେ ପରୀକ୍ଷାରେ ଉତ୍ତୀର୍ଣ୍ଣ । ତୁମେ ସବୁ ଦେଇଛ, ସବୁ ସହିଛ କିନ୍ତୁ ନିଜ ପାଇଁ କିଛି ମାଗିନ । ତୁମେ ସେବା, ତ୍ୟାଗ ଓ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ । ତୁମେ ମାନବ ଜାତିର ନମସ୍ୟ । ମୁଁ ଆସିଛି ତୁମକୁ ଦିବ୍ୟଧାମକୁ ନେବାକୁ ।" ଦ୍ରୌପଦୀଙ୍କ ଆଖିରେ ଶ୍ରାବଣର ଧାରା । କୃତଜ୍ଞତାରେ ପ୍ରଭୁଙ୍କ ପାଦତଳେ ମୁଣ୍ଡ ରଖିଲେ । ଭଗବାନ ଶ୍ରୀକୃଷ୍ଣ ଆଦରରେ ଦ୍ରୌପଦୀଙ୍କ ମୁଣ୍ଡରେ ହାତରଖି ଦିବ୍ୟସ୍ୟନ୍ଦନରେ ଆରୂଢ଼ ହେଲେ । ସ୍ୱର୍ଗରୁ ପାରିଜାତ ବୃଷ୍ଟିହେବା ସହିତ ସ୍ୱାଗତ ସଂଗୀତ ଝରି ଆସିଲା । ପ୍ରଭୁଙ୍କ ପ୍ରେମର ସ୍ୱର୍ଣ୍ଣିମ ଅଧ୍ୟାୟରେ ଆଉ ଗୋଟିଏ ଶବ୍ଦ ଯୋଡ଼ି ହୋଇଗଲା ।

■ ■

Digitized by PPRACHIN, SOA

ଓଡ଼ିଶାରେ ବ୍ରିଟିଶ ରାଜ

ଓଡ଼ିଶାର ଇତିହାସ ଯେତିକି ଘଟଣାବହୁଳ ସେତିକି ରକ୍ତରଂଜିତ । ଏହାର କଳା, ଭାସ୍କର୍ଯ୍ୟ, ଭାଷା ଓ ସଂସ୍କୃତି ଯେତେ ପ୍ରାଚୀନ ଓ ମୌଳିକ ସେତିକି ଗୌରବମଣ୍ଡିତ । ଦରିଆ ପାରି ବାଣିଜ୍ୟରେ ଓଡ଼ିଶାର ସାଧବ ପୁଏଁ ଦକ୍ଷତା ପ୍ରତିପାଦନ କରି ନିଜ ରାଜ୍ୟର ପ୍ରତିଷ୍ଠା ଓ ବୈଭବର ଶ୍ରୀବୃଦ୍ଧି ଘଟାଇଥିଲେ । କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ବଡ଼ ଦେଉଳ, ରାଜରାଣୀ ମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଇତ୍ୟାଦି କଳା ଓ ଭାସ୍କର୍ଯ୍ୟର ଶ୍ରେଷ୍ଠ ନିଦର୍ଶନ । ସାମରିକ କଳାରେ ଓଡ଼ିଶାର ପାଇକ ବାହିନୀ ବିଜୟଶ୍ରୀ ମଣ୍ଡିତ ।

ଏହି ଐତିହ୍ୟମଣ୍ଡିତ ଓଡ଼ିଶା ଅତୀତରେ ଗଂଗବଂଶ ଓ ସୂର୍ଯ୍ୟବଂଶର ରାଜତ୍ୱକାଳରେ ଉତ୍ତରରେ ଗଂଗାଠାରୁ ଦକ୍ଷିଣରେ କାବେରୀ ପର୍ଯ୍ୟନ୍ତ ଓ ପଶ୍ଚିମରେ ମଧ୍ୟପ୍ରଦେଶ ଅନ୍ତର୍ଗତ ଅମର କଣ୍ଟକ ମାଳଭୂମିଠାରୁ ପୂର୍ବରେ ବଂଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହାର ଭୂପ୍ରକୃତି ବିବିଧତା ମଧ୍ୟରେ ଏକତାର ସୂତ୍ରପାତ

Digitized by PPRACHIN, SOA

କରିଥିଲା । ଏତେ ସବୁ ଥାଇମଧ୍ୟ ବୁଝାମଣାର ଅଭାବ ଓ ଗୋଷ୍ଠୀକନ୍ଦଳ ହେତୁ ଏହାର ସ୍ୱାଧୀନତା ବିପନ୍ନ ହୋଇଛି । ଏହିସବୁ କାରଣ ହେତୁ ୧୫୬୮ ମସିହାରେ ଗୋହିରାଟିକିରି ଯୁଦ୍ଧରେ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ ପରାଜିତ ଓ ନିହତ ହେଲେ । ଓଡ଼ିଶା ତା'ର ସ୍ୱାଧୀନତା ହରାଇଲା । ଏହି ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ଆଫଗାନ୍ ସେନାଧକ୍ଷ ସୁଲେମାନ କରରାନୀ ଓଡ଼ିଶା ଆକ୍ରମଣ କରି ଏହାକୁ ଅଧିକାର କଲେ ଓ ୧୫୬୮ ମସିହାରୁ ୧୫୭୬ ମସିହା ପର୍ଯ୍ୟନ୍ତ ଆଫଗାନ୍ ଶାସନ ବଳବତ୍ତର ରହିଲା । ମୋଗଲ ସମ୍ରାଟ୍ ଆକବର ମଧ୍ୟ ନିଜ ଅଧୀନକୁ ଓଡ଼ିଶାକୁ ନେବାପାଇଁ ରାଜା ତୋଡ଼ରମଲ୍ଲ ଓ ମୁନିମ ଖାଁଙ୍କୁ ଏକ ବିଶାଳ ସାମରିକ ବାହିନୀ ସହ ପଠାଇଲେ । ସେମାନେ ସୁଲେମାନ କରରାନୀଙ୍କ ପୁତ୍ର ଦାଉଦକୁ ରାଜମହଲ ଯୁଦ୍ଧ କ୍ଷେତ୍ରରେ ପରାସ୍ତ ଓ ନିହତ କଲେ ଏବଂ ଓଡ଼ିଶାକୁ ନିଜ ଶାସନାଧୀନ କଲେ ।

ଓଡ଼ିଶାରେ ମୋଗଲ ଶାସନ ୧୫୭୬ ମସିହାରୁ ୧୭୦୭ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ଚାଲିଲା କିନ୍ତୁ ୧୭୦୭ ମସିହାରେ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ମୃତ୍ୟୁପରେ ଶାସନର ଦୃଢ଼ତା କମିବାରୁ ବଂଗଳାର ନବାବ ନିଜର ସ୍ୱତନ୍ତ୍ରତା ଘୋଷଣା କରି ଓଡ଼ିଶାର ଶାସନକୁ ନିଜ ଅଧୀନରେ ରଖିଲେ । ଏହାପରେ ରାଜନୈତିକ ପଶାପାଲିରେ ଓଡ଼ିଶାର ଶାସନ ପୁଣି ଆଲିବର୍ଦ୍ଦି ଖାଁଙ୍କ ହାତକୁ ଗଲା ।

ଭାରତରେ ମୋଗଲ ସ୍ଥିତି ଦୁର୍ବଳ ଥିବାବେଳେ ମରହଟ୍ଟା ଶକ୍ତି ପ୍ରବଳ ଥିଲା । ସେମାନେ ବିଭିନ୍ନ ଶାଖାରେ ବିଭକ୍ତ ହୋଇ ସ୍ୱାଧୀନ ରାଜ୍ୟ ଗଠନ କରି ଶାସନ ପରିଚାଳନା କରୁଥିଲେ । ଓଡ଼ିଶାର ଦୁର୍ବଳ ରାଜନୈତିକ ସ୍ଥିତି ସେମାନଙ୍କୁ ପ୍ରଲୁବ୍ଧ କଲା । ସେମାନେ ଓଡ଼ିଶାକୁ ନିଜ ଅଧୀନକୁ ନେବାପାଇଁ ଆଲିବର୍ଦ୍ଦି ଖାଁଙ୍କ ବିରୋଧରେ ଯୁଦ୍ଧ ପରିଚାଳନା କଲା । ଏହି ଯୁଦ୍ଧ ଦୀର୍ଘ ୧୦ବର୍ଷ ଧରି ଚାଲିଲା । ଶେଷରେ ଆଲିବର୍ଦ୍ଦି ଖାଁ ପରାସ୍ତ ହେଲେ ଓ ଓଡ଼ିଶା ସୁବାକୁ ମରହଟ୍ଟାମାନଙ୍କୁ ଅର୍ପଣ କଲେ । ଓଡ଼ିଶା ୧୭୫୧ ଖ୍ରୀଷ୍ଟାବ୍ଦରୁ ୧୮୦୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମରହଟ୍ଟା ଶାସନରେ ରହିଲା । ଏହାର ପ୍ରତ୍ୟକ୍ଷ ଶାସନରେ ଥିଲେ ନାଗପୁରର ଭୋନସଲା ବଂଶ । ୧୮୦୩ ମସିହାରେ ଓଡ଼ିଶା ବିଦେଶୀ ଇଂରେଜମାନଙ୍କ ହାତକୁ ଗଲା ।

୧୭୫୭ ମସିହାରେ ପଲାସୀ ଯୁଦ୍ଧରେ ବିଜୟଲାଭ କରିବାପରେ

Digitized by PPRACHIN, SOA

ଇଂରେଜମାନଙ୍କ ପକ୍ଷରେ ଭାରତରେ ସାମ୍ରାଜ୍ୟ ବିସ୍ତାର କରିବାର କଳ୍ପନା ସାକାର ହୋଇଉଠିଲା । କଲିକତାର ଫୋର୍ଟ ଉଇଲିୟମ ଦୁର୍ଗ ଓ ମାନ୍ଦ୍ରାଜର ସେଣ୍ଟଜର୍ଜଦୁର୍ଗ ଇଂରେଜ ପ୍ରଶାସନ ଓ ସାମରିକ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ରଥିଲା । ବଂଗଳା ଓ ମାନ୍ଦ୍ରାଜ ମଧ୍ୟରେ ସଂଯୋଗର ସେତୁଥିଲା ଓଡ଼ିଶା । ମରହଟ୍ଟାମାନେ ସେତେବେଳେ ଓଡ଼ିଶାର ଶାସକ ଥିଲେ । କିଛି ଅର୍ଥ ନେଇ ବାଲେଶ୍ୱର ଓ କଟକକୁ ଇଂରେଜମାନଙ୍କୁ ହସ୍ତାନ୍ତର କରିବାପାଇଁ ପ୍ରସ୍ତାବଦେଇ ଲର୍ଡ଼୍‌କ୍ଲାଇବ୍ ମରହଟ୍ଟା ଶାସକଙ୍କ ନିକଟକୁ ଦୂତ ପ୍ରେରଣ କରିଥିଲେ । କିନ୍ତୁ ମରହଟ୍ଟା ନରପତି କାନୋଜି ଭୋନସଲା ସେଥିରେ ରାଜି ହୋଇ ନଥିଲେ ।

ଲର୍ଡ଼୍ କ୍ଲାଇବଙ୍କ ପରେ ଓ୍ୱାରେନ୍ ହେଷ୍ଟିଙ୍ଗସ୍ ଭାରତର ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ । କ୍ଲାଇବ୍‌ଙ୍କ ପରି ହେଷ୍ଟିଙ୍ଗ୍‌ସ ମଧ୍ୟ କୂଟନୀତି ଓ ଅର୍ଥର ପ୍ରଲୋଭନ ଦେଖାଇ ମରହଟ୍ଟାଙ୍କଠାରୁ ଓଡ଼ିଶା କବ୍‌ଜା କରିବାକୁ ଉଦ୍ୟମ କରିଥିଲେ, ମାତ୍ର ତାହା ସଫଳ ହୋଇ ନଥିଲା । ହେଷ୍ଟିଙ୍ଗ୍‌ସଙ୍କ ପରେ ଲର୍ଡ଼୍ କର୍ଣ୍ଣୱାଲିସ୍ ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ । ସେ ମଧ୍ୟ କୂଟନୀତି ଓ ପ୍ରଲୋଭନର ଜାଲ ବିଛାଇ ମରହଟ୍ଟା ଶାସକଙ୍କଠାରୁ ଓଡ଼ିଶାର ଶାସନ ହାତେଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ମରହଟ୍ଟା ଶାସକଙ୍କ ପାଇଁ ଓଡ଼ିଶା ଥିଲା ଏକ ଟଂକା ଖଣି ସଦୃଶ । ସେମାନେ ଏଠାରୁ ପ୍ରଚୁର ଅର୍ଥ ପାଉଥିଲେ । ତେଣୁ ସେମାନେ ଓଡ଼ିଶା ହସ୍ତାନ୍ତର ପାଇଁ ରାଜି ନଥିଲେ, କିନ୍ତୁ ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ପୋଷଣ କରୁଥିବା ଇଂରେଜମାନେ ନିଜର ଶକ୍ତିବୃଦ୍ଧି ପାଇଁ ଯେକୌଣସି ଉପାୟରେ ଓଡ଼ିଶା ଅଧିକାର ପାଇଁ ଉଦ୍ୟମ ରତଥିଲେ ।

କର୍ଣ୍ଣୱାଲିସଙ୍କ ପରେ ଲର୍ଡ଼୍ ଔଲେସ୍ଲି ଭାରତକୁ ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ ଓ ସେ ହିଁ ଇଂରେଜମାନଙ୍କର ସ୍ୱପ୍ନକୁ ସାକାର କରିପାରିଥିଲେ । ବିନା ଅର୍ଥବ୍ୟୟରେ ଓ ବିନା ରକ୍ତପାତରେ ଓଡ଼ିଶାକୁ କିପରି କରାୟତ୍ତ କରିହେବ ସେଥିପାଇଁ ସେ କୌଶଳପୂର୍ଣ୍ଣ ଯୋଜନା ପ୍ରସ୍ତୁତ କଲେ । ଏହି ଯୋଜନାରେ ସଫଳ ହେବାକୁ ତାଙ୍କୁ ପାଞ୍ଚବର୍ଷ ଲାଗିଥିଲା । ୧୮୦୦ ଖ୍ରୀ.ରେ ତାଙ୍କର ପ୍ରଥମ ପଦକ୍ଷେପ ସ୍ୱରୂପ ସେ ହେନେରୀ ଟମାସ କୋଲ ବ୍ରୋକଙ୍କୁ ଏକ ଦୂତ ଭାବେ ନାଗପୁରରେ ଥିବା ଭୋନସଲାଙ୍କ ଦରବାରକୁ ପଠାଇଲେ । କୋଲବ୍ରୋକଙ୍କୁ ତାଙ୍କର ନିର୍ଦ୍ଦେଶଥିଲା

Digitized by PPRACHIN, SOA

ସେ ଯେପରି ହେଉ ରାଜଧାନୀ ନାଗପୁରରେ ଏକ ଇଂରେଜ ସେନାବାହିନୀ ଅବସ୍ଥାପିତ କରିବା ଓ ବଂଗଳା ଏକ ମାନ୍ଦ୍ରାଜକୁ ସଂଯୁକ୍ତ କରିବାପାଇଁ ଓଡ଼ିଶାର ଏକ ଅଂଶ ଇଂରେଜମାନଙ୍କୁ ଦେବାପାଇଁ ଭୋନସଲା ଶାସକଙ୍କୁ ସମ୍ମତ କରାଇବା । କିନ୍ତୁ ମରହଟ୍ଟା ଶାସକ ଭୋନସଲା ଦ୍ୱିତୀୟ ରଘୁଜୀ ଏଥିରେ ସମ୍ମତ ହୋଇ ନଥିଲେ । ସେ ୱେଲେସଲିଙ୍କ ରାଜସ୍ୱତ୍ତ୍ୱ ଲୋପନୀତି ସମ୍ବନ୍ଧରେ ସଂପୂର୍ଣ୍ଣ ସଚେତନ ଥିଲେ ।

ୱେଲେସଲି କିନ୍ତୁ ଏତିକିରେ କ୍ଷାନ୍ତ ହୋଇନଥିଲେ । କୂଟନୈତିକ ବିଫଳତା ତାଙ୍କ ଭିତରେ ଯୁଦ୍ଧ ପ୍ରବଣତା ସୃଷ୍ଟି କରିଥିଲା, ଓଡ଼ିଶାକୁ ଦଖଲ କରିବାପାଇଁ ସେ ଦୃଢ଼ ପ୍ରତିଜ୍ଞ ହେଲେ । ସେ ଉଭୟ କୂଟନୈତିକ କୌଶଳ ଓ ସାମରିକ ଶକ୍ତି ପ୍ରୟୋଗ କରି ଓଡ଼ିଶା ଅଧିକାର କରିବାପାଇଁ ମନସ୍ଥ କଲେ । ଇତି ମଧ୍ୟରେ ଇଂରେଜମାନେ ବାଲେଶ୍ୱରରେ ବାଣିଜ୍ୟ କୋଠି ସ୍ଥାପନ କରିସାରିଥିଲେ । ମରହଟ୍ଟା ବର୍ଗୀମାନଙ୍କର ଶୋଷଣ ଓ ଲୁଣ୍ଠନରେ ସାଧାରଣ ଜନତା ସଂତ୍ରସ୍ତ ଥିଲେ । ୱେଲେସଲି ବିଭିନ୍ନ ସ୍ଥାନରେ ଲୋକ ନିଯୁକ୍ତ କରି ଇଂରେଜମାନଙ୍କ ସପକ୍ଷରେ ବାତାବରଣ ସୃଷ୍ଟିକଲେ । ଓଡ଼ିଶାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଲେ ଯେ ମରହଟ୍ଟାମାନଙ୍କ ଅପେକ୍ଷା ସେମାନେ ଅଧିକ କଲ୍ୟାଣକାରୀ ଓ ଜନପ୍ରିୟ ଶାସନ ପ୍ରଦାନ କରିବେ । ଜଗନ୍ନାଥଙ୍କ ପୂଜକ ଓ ସେବୟତଙ୍କୁ ଯଥେଷ୍ଟ ସମ୍ମାନ ଓ ସୁବିଧାର ନିଶ୍ଚିତଧାରଣା ଦିଆଗଲା । ଓଡ଼ିଶାର କରଦ ରାଜାମାନଙ୍କୁ ବହୁ ପ୍ରଲୋଭନ ଦିଆଗଲା ଓ ସେଥିରେ ମଧ୍ୟ ସେମାନେ ସଫଳ ହେଲେ ।

ୱେଲେସଲିଙ୍କର ଆଶଂକା ଥିଲା ଯୁଦ୍ଧ ହେଲେ ମରହଟ୍ଟାମାନେ ନାଗପୁରରୁ ଅଧିକ ସୈନ୍ୟ ପଶ୍ଚିମସ୍ଥ ଦଶପଲ୍ଲା ରାଜ୍ୟର ବଡ଼ମୂଳ ଓ ଉତ୍ତରରେ ଥିବା ମୟୂରଭଂଜର ଖୁଣ୍ଟାଘାଟ ଦେଇ ପ୍ରେରଣ କରିପାରନ୍ତି । ପଶ୍ଚିମରୁ ଓ ଉତ୍ତରରୁ ଓଡ଼ିଶାକୁ ପ୍ରବେଶ କରିବାପାଇଁ ବଡ଼ମୂଳ ଘାଟି ଓ ଖୁଣ୍ଟାଘାଟ ଦୁଇଟି ପ୍ରବେଶ ଦ୍ୱାର ରୂପେ ଥିଲା, ଏହା ବ୍ୟତୀତ ସ୍ଥଳପଥରେ ଆଉ ଅନ୍ୟ ରାସ୍ତା ନଥିଲା । ସାମରିକ ଦୃଷ୍ଟିକୋଣରୁ ଏ ଦୁଇଟି ସ୍ଥାନର ଗୁରୁତ୍ୱ ଥିବାରୁ ୱେଲେସଲି ଦଶପଲ୍ଲାର ରାଜା ଓ ମୟୂରଭଂଜର ରାଣୀ ସାହେବା ସୁମିତ୍ରା ଦେବୀଙ୍କ ସହିତ ଯୋଗସୂତ୍ର ସ୍ଥାପନ କରି ଏବଂ ଆର୍ଥିକ ପ୍ରଲୋଭନ ଦେଖାଇ ସେମାନଙ୍କ ସମର୍ଥନ ହାସଲ କଲେ । ଏହିପରି ସମସ୍ତ ଆନୁସଂଗିକ କାର୍ଯ୍ୟ ସମ୍ପନ୍ନ କରି ଯୁଦ୍ଧ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଗଲା । କେବଳ ବାକି ଥିଲା

Digitized by PPRACHIN, SOA

ଓଡ଼ିଶାରେ ଅବସ୍ଥାପିତ ମରହଟ୍ଟାମାନଙ୍କର ଦୁର୍ନୀତିଗ୍ରସ୍ତ ମୁଖ୍ୟ କର୍ମଚାରୀମାନଙ୍କୁ ଟଂକା ଲାଂଚଦେଇ ଇଂରେଜଙ୍କ ସପକ୍ଷରେ ସମର୍ଥନ ହାସଲ କରିବା । କଟକରେ ଥିବା ମରହଟ୍ଟାମାନଙ୍କ ମୁଖ୍ୟ କର୍ମଚାରୀ ବେନୁଜି ପଣ୍ଡିତ ଓ ବାଲେଶ୍ୱରରେ ଥିବା ମୁଖ୍ୟ କର୍ମଚାରୀ ମୋରୋ ପଣ୍ଡିତଙ୍କୁ ଟଂକାର ଲୋଭ ଦେଖାଇ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ନିଷ୍କ୍ରିୟ କରିବାର ବନ୍ଦୋବସ୍ତ କରିଥିଲେ । ଏହିପରି ଇଂରେଜମାନଙ୍କ ବିରୁଦ୍ଧରେ ମରହଟ୍ଟାମାନଙ୍କର ସାମରିକ ପଦକ୍ଷେପକୁ ନିଷ୍କ୍ରିୟ କରି ୱେଲେସଲି ଓଡ଼ିଶା ଉପରେ ସାମରିକ ଅଭିଯାନ ପାଇଁ ପଦକ୍ଷେପ ନେଲେ ।

୧୮୦୩ ମସିହା ସେପ୍ଟେମ୍ବର ୮ ତାରିଖରେ ଯୁଦ୍ଧ ଅଭିଯାନ ଆରମ୍ଭ ହେଲା । ମାନ୍ଦ୍ରାଜରେ ଅବସ୍ଥାପିତ ଦକ୍ଷ ସାମରିକ ମୁଖ୍ୟ କେମ୍ପବେଲଙ୍କ ନେତୃତ୍ୱରେ ଗଂଜାମ ଆଡୁ ଓଡ଼ିଶା ଉପରେ ଆକ୍ରମଣ ହେଲା । କିନ୍ତୁ କେମ୍ପବେଲ ଅସୁସ୍ଥ ହୋଇ ପଡ଼ିବାରୁ ୱେଲେସଲିଙ୍କ ବ୍ୟକ୍ତିଗତ ସାମରିକ ସଚିବ କର୍ଣ୍ଣେଲ ହାରକୋଟଙ୍କ ନେତୃତ୍ୱାରେ ସାମରିକ ଅଭିଯାନ ଚାଲିଲା । ହାରକୋଟ୍ ତାଙ୍କ ସୈନ୍ୟବାହିନୀ ସହିତ ଚିଲିକା କୂଳେ କୂଳେ ଆସି ମାଣିକପାଟଣାଠାରେ ସେପ୍ଟେମ୍ବର ୧୪ତାରିଖରେ ପହଞ୍ଚିଲେ ପୂର୍ବରୁ ଉତ୍କୋଚ ନେଇଥିବା ମରହଟ୍ଟା ସେନାପତି ଫତେ ଦାଉଦ ପୁରୀ ଓ କଟକ ଅଧିକାର ପାଇଁ ଇଂରେଜମାନଙ୍କୁ ସହାୟତା ଯୋଗାଇଦେଲା । ଖୋର୍ଦ୍ଧାର ରାଜା ମଧ ଏକଲକ୍ଷ ଟଂକା ବିନିମୟରେ ଇଂରେଜଙ୍କୁ ପାଇକବାହିନୀର ସାହାଯ୍ୟ ଯୋଗାଇଦେଲେ । ଏହାପରେ କର୍ଣ୍ଣେଲ ହାରକୋର୍ଟ ପୁରୀରେ ପହଞ୍ଚିଲେ ସେପ୍ଟେମ୍ବର ୧୮ ତାରିଖରେ । ପୁରୀ ଅଧିକାର କରି ସେମାନେ ସେଠାରେ ସେପ୍ଟେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଅଟକି ଥିଲେ ।

ୱେଲେସଲିଙ୍କ ସାମରିକ ଯୋଜନା ଅନୁସାରେ ଏକ ସଂଗେ ଗଂଜାମ ପଟୁ ଓ ବାଲେଶ୍ୱରପଟୁ ଆକ୍ରମଣ ହେଲା । କର୍ଣ୍ଣେଲ ହାରକୋର୍ଟ ଗଂଜାମ ପଟୁ ପ୍ରବେଶ କରି ପୁରୀରେ ପହଞ୍ଚିଲେ । କଲିକତା ପଟୁ ସେନାବାହିନୀର ନେତୃତ୍ୱ ନେଇ କେପ୍‌ଟେନ୍ ଡିକ୍ ସମୁଦ୍ର ପଥରେ ଯାଇ ବାଲେଶ୍ୱର ବଂଦର ଅଧିକାର କରିବାର ଯୋଜନା ହେଲା । କେପ୍‌ଟେନ୍ ମରଗାନ ମଧ ବାଲେଶ୍ୱର ଅଭିଯାନରେ ସାମିଲା ହେଲା । ଆବଶ୍ୟକ ପଡ଼ିଲେ ବଂଗଳାରୁ ଅଧିକ ସୈନ୍ୟ ଆଣିବାର ଦାୟିତ୍ୱ କର୍ଣ୍ଣେଲ ଫର୍ଗୁସନଙ୍କ ଉପରେ ନ୍ୟସ୍ତ ଥିଲା । ସେ ବାଲେଶ୍ୱରଠାରେ ଅବସ୍ଥାପିତ ହୋଇଥିଲେ ।

Digitized by PPRACHIN, SOA

ବାଲେଶ୍ୱର ଉପରେ ଏତେ ଅଧିକ ଗୁରୁତ୍ୱ ଦେବାର କାରଣ ହେଲା ଯେ ବାଲେଶ୍ୱରକୁ ଅଧିକାର କଲେ ଇଂରେଜମାନଙ୍କ ପାଇଁ ଓଡ଼ିଶା ଅଧିକାର ସହଜ ହେବ ।

ଓଡ଼ିଶା ଅଧିକାରପାଇଁ ସର୍ବମୋଟ୍ ୪୯୧୬ ଜଣ ସୈନ୍ୟ ନିଯୁକ୍ତ ହୋଇଥିଲା । କେପ୍ଟେନ୍ ମରଗାନ୍ ତାଙ୍କ ଅଧୀନରେ ଥିବା ସେନାବାହିନୀକୁ ନେଇ ସେପ୍ଟେମ୍ବର ୧୩ ତାରିଖରେ ବାଲେଶ୍ୱରରେ ପହଞ୍ଚିଲା ଏବଂ ମରହଟ୍ଟା ସେନାବାହିନୀର ମୁଖ୍ୟ ଫୌଜଦାର ମୁରୋ ପଣ୍ଡିତଙ୍କୁ ଅର୍ଥର ପ୍ରଲୋଭନ ଦେଖାଇ ତାଙ୍କ ସମର୍ଥନ ଲାଭ କରିଥିଲା । ଏହିପରି ଭାବରେ ଇଂରେଜମାନେ କୌଣସି ବାଧାବିଘ୍ନର ସମ୍ମୁଖୀନ ନହୋଇ ପୁରୀ ଓ ବାଁଲେଶ୍ୱର ଦଖଲ କରିନେଲେ । କେବଳ କଟକ ଥିଲା ମୁଖ୍ୟଲକ୍ଷ୍ୟ । କର୍ଣ୍ଣେଲ ହାରକୋର୍ଟଙ୍କ ସେନାବାହିନୀ ପୁରୀଠାରୁ ସେପ୍ଟେମ୍ବର ୨୫ ତାରିଖରେ ବାହାରି କଟକରେ ଅକ୍ଟୋବର ୧୦ତାରିଖରେ ପହଞ୍ଚିଲେ। ଅକ୍ଟୋବର ୧୪ ତାରିଖ ଦିନ ୧୦ଟା ସମୟରେ ହାରକୋର୍ଟ ବିଜୟସୂଚକ ତୋପ ଫୁଟାଇ ବାରବାଟୀ ଦୁର୍ଗ ମଧ୍ୟକୁ ପ୍ରବେଶ କଲେ ଓ ୧ଘଣ୍ଟା ମଧ୍ୟରେ ବାରବାଟୀ ଦୁର୍ଗ ଓ କଟକ ସହର ଅଧିକୃତ ହେଲା । ଇତି ମଧ୍ୟରେ ଅକ୍ଟୋବର ୨୦ତାରିଖ ଦିନ କର୍ଣ୍ଣେଲ ଫର୍ଗୁସନ ବାଲେଶ୍ୱରପଟୁ ଯାଇ କଟକରେ ପହଞ୍ଚିଲେ । ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ଅବସ୍ଥାପିତ କର୍ଣ୍ଣେଲ ବ୍ରାଉଟନ୍ ୱୈଲେସଲିଙ୍କ ଯୋଜନା ଅନୁସାରେ ସେ ଅଞ୍ଚଳର ରାଜାମାନଙ୍କ ସହିତ ସାଲିସ ସୂତ୍ରରେ ସମର୍ଥନ ହାସଲ କରିଥିଲେ । ଏହିପରି ଭାବରେ ଇଂରେଜମାନଙ୍କ ଚତୁର କୂଟନୀତି ଓ ସ୍ୱର୍ଦ୍ଧିତ ସାମରିକ ଶକ୍ତି ଓଡ଼ିଶାକୁ ଅଳ୍ପ ସମୟ ମଧ୍ୟରେ ବିନା ବାଧାରେ ଓ ସ୍ୱଳ୍ପ ଅର୍ଥବ୍ୟୟରେ ଅଧିକାର କରିବାକୁ ସମର୍ଥ ହେଲା । ଆଞ୍ଚଳିକ ଗୋଷ୍ଠୀ କନ୍ଦଳ ଓ ଏକତାର ଅଭାବରେ ସ୍ୱାଧୀନତା କିପରି ବିପନ୍ନ ହୁଏ ଓଡ଼ିଶା ତା'ର ଏକ ଉଦାହରଣ ।

■■

Digitized by PPRACHIN, SOA

ସଂଚୟ

ସଂଚୟ କଥା ମନକୁ ଉଠିଲେ ଏହାର ବିଭିନ୍ନ ଦିଗ ବିଚାରକୁ ଆସେ । ଯଦି ସଂଚୟ କରିବା, କେତେ ପରିମାଣ କରିବା, କାହିଁକି କରିବା, ସଂଚିତ ଅର୍ଥକୁ କେଉଁ କେଉଁ କାର୍ଯ୍ୟରେ ବିନିଯୋଗ କରିବା । ଜୀବନକୁ କଷ୍ଟଦେଇ ସଂଚୟ କରିବା ନିରର୍ଥକ । ଏହା କୃପଣତାର ପରିଚାୟକ । କୃପଣ ଲୋକେ ଘୃଣିତ ହୁଅନ୍ତି । ସଂଚୟର ସାର୍ଥକ ଦିଗ ହେଲା ଆର୍ଥିକ ପରିଚାଳନାକୁ ସୁସଂହତ କରି ସଂଚିତ ଅର୍ଥ ଓ ବସ୍ତୁକୁ ପରିବାରର ସଦସ୍ୟଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କାର ଅଭିବୃଦ୍ଧିରେ ବିନିଯୋଗ କରିବା । ସଂଚୟର କିଛି ଅଂଶ ସମାଜ କଲ୍ୟାଣ, ବିଶେଷ କରି ଅନଗ୍ରସର, ଅବହେଳିତ ଓ ପୀଡ଼ିତଙ୍କ ସାହାର୍ଯ୍ୟାର୍ଥେ ଉପଯୋଗ ହେବା ବିଧେୟ ।

ସଂଚୟ ଏକ ଉତ୍ତମ ଅଭ୍ୟାସ । ଏହା ନିୟମିତ ଓ ଧାରାବାହିକ ହେବା ଭଲ । ଏହା ଦ୍ୱାରା ପରିବାରର, ସମାଜର ଓ ଦେଶର ଆର୍ଥିକ ସ୍ଥିତି ମଜବୁଦ୍ ହୁଏ । ସଂଚିତ ଅର୍ଥକୁ ସରକାର ଦେଶର ଉନ୍ନତିମୂଳକ ଯୋଜନାରେ ବିନିଯୋଗ କରି ସାମଗ୍ରିକ ବିକାଶ ଧାରାକୁ ଗତିଶୀଳ କରନ୍ତି । ସଂଚିତ ଅର୍ଥକୁ ମହାଜନୀ କାରବାରରେ

Digitized by PPRACHIN, SOA

ଲଗାଇ ଅନ୍ୟକୁ ଶୋଷଣ କରିବାର ଚିନ୍ତାଧାରା ନିଶ୍ଚିତଭାବେ ନିନ୍ଦନୀୟ । ସେହିପରି ଅଧିକ ସୁଧ ଆଶାରେ ସଂଚିତ ଅର୍ଥକୁ ଚିଟ୍‌ଫଣ୍ଡ ଇତ୍ୟାଦି ଠକ ସଂସ୍ଥାରେ ଲଗାଇ ସର୍ବସ୍ୱାନ୍ତ ହେବା ମଧ୍ୟ ସୁସ୍ଥ ଭାବନାର ପରିଚୟ ନୁହେଁ ।

ସଂଚୟର ଆଭିମୁଖ୍ୟ ଉଦାର ଓ ମାନବଧର୍ମୀ ହେବା ଦରକାର । ସବୁରି ଉପରେ ମଣିଷ । ଆମେ ସମସ୍ତେ ଏକ ମାନବ ଜାତିର ଅଂଶ । ଏକର ଉନ୍ନତିରେ ଅନ୍ୟର ଉନ୍ନତି । ଶିକ୍ଷା ନିଯୁକ୍ତି ଓ ରୋଜଗାର ଭିତ୍ତିରେ ଆମ ସମାଜରେ ବହୁ ବିଷମତା ପରିଲକ୍ଷିତ ହୁଏ । ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ଓ ଅଧିକ ରୋଜଗାର କ୍ଷମ ଲୋକଙ୍କ ପାଇଁ ସଂଚୟର କ୍ଷେତ୍ର ପ୍ରଶସ୍ତ । ମାତ୍ର ସ୍ୱଳ୍ପ ଆୟକାରୀଙ୍କ ପାଇଁ ଏହା ସଂକୁଚିତ । ତେଣୁ ସମାଜରେ ବିଷମତା ସୃଷ୍ଟି ହେଉଛି । ବିଷମତା ଈର୍ଷା ଓ ସଂଘର୍ଷ ସୃଷ୍ଟି କରୁଛି ଏବଂ ସଂଘର୍ଷ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି ।

ବିଶ୍ୱାୟନ ଫଳରେ ଶିଳ୍ପର ପ୍ରସାର ଘଟିଛି । ଦେଶ ବିଦେଶର ଶିଳ୍ପପତିମାନେ ପୁଞ୍ଜି ବିନିଯୋଗ କରି ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା କରୁଛନ୍ତି । ଅନଗ୍ରସର ଖଣିଜ ପ୍ରଧାନ ଅଞ୍ଚଳରେ ସ୍ଥାନୀୟ ଅଧିବାସୀମାନେ କାରଖାନା ପ୍ରତିଷ୍ଠା ହେବା ଫଳରେ କର୍ମ ନିଯୁକ୍ତିର ସୁବିଧା ପାଉଛନ୍ତି ଓ ସେମାନଙ୍କ ହାତକୁ ପଇସା ଆସୁଛି । ସେମାନଙ୍କ ନିକଟରେ ସଂଚୟର ଭାବନା କମ୍ । ସରକାର ଓ ଶିଳ୍ପପତିମାନେ ଏପରି କିଛି ବ୍ୟବସ୍ଥା କରିବା ଆବଶ୍ୟକ, ଯାହା ଫଳରେ ସେମାନେ ସଂଚୟର ଆବଶ୍ୟକତା ଉପଲବ୍ଧି କରିବେ ଓ ଉଜ୍ଜ୍ୱଳ ସୁଖମୟ ଭବିଷ୍ୟତର ସ୍ୱପ୍ନ ଦେଖିପାରିବେ । ସେବା ପାଇଁ ସଂଚୟର ଗୁରୁତ୍ୱ ଅଛି । ଶିଳ୍ପପତିମାନେ ସେମାନଙ୍କର ଆୟର କିଛି ଅଂଶ ସଂଚୟ କରି କାରଖାନା ଅଞ୍ଚଳର ରାସ୍ତାଘାଟ, ପରିବେଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଇତ୍ୟାଦିକୁ ଉନ୍ନତ କରିପାରିବେ । କିଛି ମାନବପ୍ରେମୀ ବ୍ୟକ୍ତି ଓ ସଂଗଠନ ସେମାନଙ୍କ ଆୟର ଅର୍ଦ୍ଧାଧିକ ଅର୍ଥ ଲୋକ କଲ୍ୟାଣ ପାଇଁ ବିନିଯୋଗ କରୁଛନ୍ତି । ବିଲଗେଟ୍ ଫାଉଣ୍ଡେସନ୍, ଫୋର୍ଡ୍ ଫାଉଣ୍ଡେସନ୍, ବିରଳା ପାଉଣ୍ଡେସନ୍ ଓ ଟାଟା ଫାଉଣ୍ଡେସନ୍ ଇତ୍ୟାଦି ସେମାନଙ୍କ ଆୟର ପ୍ରମୁଖ ଅଂଶକୁ ସଂଚୟ କରି ଜଗତର ଅଶେଷ କଲ୍ୟାଣ କରୁଛନ୍ତି ।

ପ୍ରତ୍ୟେକ କ୍ଷମତା ପରିସର ମଧ୍ୟରେ ଯେତିକି ସଂଚୟ କରିବା ସମ୍ଭବ ତାହା କରିବା ଭଲ ଏବଂ ସେହି ସଂଚିତ ଅର୍ଥକୁ ନିଜ ନିଜ ଅଞ୍ଚଳର ସାମାଜିକ ସେବା

Digitized by PPRACHIN, SOA

କାର୍ଯ୍ୟରେ ବିନିଯୋଗ କଲେ ସମାଜରେ ଥିବା ଧନୀ ନିର୍ଧନର, ଶିକ୍ଷିତ ଅଶିକ୍ଷିତର ଉନ୍ନତ ଅନୁନ୍ନତର ବ୍ୟବଧାନ କମିବ, ଦେଶର ସଂହତି ମଜବୁତ୍ ହେବ ।

ପ୍ରାଚୁର୍ଯ୍ୟଭରା ଇଉରୋପୀୟ ସଭ୍ୟତାର ଚଳଣି ଆମଠାରୁ ଭିନ୍ନ । ସେମାନେ ସଂଚୟକୁ ଗୁରୁତ୍ୱ ନଦେଇ ବିଳାସ ବ୍ୟସନରେ ଜୀବନ ନିର୍ବାହ କରନ୍ତି ଏବଂ କେତେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କିଛି ଦିନ ପୂର୍ବରୁ ଯେତେବେଳେ ଆମେରିକା ଅର୍ଥନୈତିକ ସଂକଟର ସମ୍ମୁଖୀନ ହୋଇଥିଲା, ସେତେବେଳେ ବହୁ ବିଳାସପ୍ରିୟ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ସେମାନଙ୍କ ଘର, ଦାମୀ ଗାଡ଼ି ଇତ୍ୟାଦିକୁ ଋଣ ଦେଇଥିବା ବ୍ୟାଙ୍କ୍ ଜବତ କରିନେଲେ, ଫଳରେ ସେମାନଙ୍କ ଦୁର୍ଗତି କହିଲେ ନସରେ । କିନ୍ତୁ ସେହି ସମୟରେ ଆମେରିକାରେ ଅବସ୍ଥାନ କରୁଥିବା ଭାରତୀୟ ସମାଜ ଅତି ସହଜରେ ସଂକଟକୁ ଟାଳିଦେଇ ପାରିଥିଲେ । ସେମାନେ କେବେହେଲେ ଆୟଠାରୁ ବ୍ୟୟ ଅଧିକ କରୁନଥିଲେ ଓ ସେମାନଙ୍କ ସଂଚିତ୍ ପାଣ୍ଠି ଉତ୍ତମ ସ୍ଥିତିରେ ଥିଲା ।

ସଂଚିତ ଅର୍ଥକୁ ବାତ୍ୟାଗ୍ରସ୍ତ, ବନ୍ୟାକ୍ଲିଷ୍ଟ, ଅଗ୍ନିବିପନ୍ନ ଓ ଭୂକମ୍ପେ ପ୍ରପୀଡ଼ିତ ଲୋକଙ୍କ ସାହାର୍ଯ୍ୟାର୍ଥେ ବିନିଯୋଗ କରାଯାଇପାରେ । ପୁନଶ୍ଚ ପ୍ରତିଭା ଚୟନ କ୍ଷେତ୍ରରେ ପ୍ରତିଭାଦୀପ୍ତ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ସଂଚିତ ଅର୍ଥ ପ୍ରଦାନ କରି ସେମାନଙ୍କୁ ପ୍ରତିଷ୍ଠିତ କରାଯାଇପାରେ । ସଂଚୟକୁ ସାର୍ଥକ ମାର୍ଗରେ ପରିଚାଳିତ କରି ଜୀବନରେ ଶ୍ରେୟ ଅର୍ଜ୍ଜନ କରାଯାଇପାରେ ।

■ ■

Digitized by PPRACHIN, SOA

କୈଶୋରର ବିଳାପ

ମାନବ ଶିଶୁ ପ୍ରକୃତିର ଏକ ଅନବଦ୍ୟ ଉପହାର । ଶିଶୁକୁ ଅମୃତର ସନ୍ତାନ କୁହାଯାଏ । ମାନବିକ ମୂଲ୍ୟବୋଧର ସମସ୍ତ ସୁଗୁଣ ତା' ଭିତରେ ଅମୃତତ୍ତ୍ୱ ରୂପେ ପ୍ରବାହିତ । ସେଇ ପ୍ରବାହକୁ ଯିଏ ଜୀବନରେ ସାକାର କରିପାରିବ ସିଏ ପ୍ରକୃତ ମଣିଷରୂପେ ଆତ୍ମପ୍ରକାଶ କରିପାରିବ । ଏଥିପାଇଁ ଆବଶ୍ୟକ ଉପଯୁକ୍ତ ଭିତ୍ତିଭୂମି ଓ ପରିବେଶ ।

ଶିଶୁ ଭିତରେ ଅକଳନୀୟ ଶକ୍ତି ଓ ପ୍ରତିଭା ପୁଞ୍ଜୀଭୂତ । ଫୁଲ ଫୁଟିବାରେ ଓ ସୁଗଂଧ ବିତରିବାରେ ଯେପରି ମୃତ୍ତିକା, ଜଳ, ବାୟୁ, ଉତ୍ତାପ ଓ ମାଳିର ଭୂମିକା ଗୁରୁତ୍ୱପୂର୍ଣ୍ଣ, ଶିଶୁର ବିକାଶରେ ସେହିପରି ପରିବାରର ସଦସ୍ୟଙ୍କ ସ୍ନେହ, ଶ୍ରଦ୍ଧା, ମମତା ଓ ଦିଗ୍‌ଦର୍ଶନ ଆବଶ୍ୟକ । ପରିବେଶ, ପ୍ରତିବେଶୀ ଓ ସାଂଗସାଥୀଙ୍କ ପ୍ରଭାବ ମଧ୍ୟ କମ୍ ନୁହେଁ । ଶିଶୁପାଇଁ ସ୍ୱାସ୍ଥ୍ୟ, ସେବା, ଖାଦ୍ୟପେୟ ଓ ଶିକ୍ଷାଦାନ ମଧ୍ୟ ଏକାନ୍ତ ଜରୁରୀ । ସ୍ୱାସ୍ଥ୍ୟ ସେବା ଓ ପୁଷ୍ଟିସାରର ଅଭାବରୁ କେତେ ନିରୀହ ଶିଶୁଙ୍କ ପ୍ରାଣ ଅକାଳରେ ଝରିଯାଏ ଓ ଅନେକ ଦୂରାରୋଗ୍ୟ ବ୍ୟାଧିର ଶିକାର ହୋଇ ପଙ୍ଗୁ

Digitized by PPRACHIN, SOA

ପାଲଟି ଯାଆନ୍ତି । ଏଥିପାଇଁ ଦାରିଦ୍ର୍ୟ, ଅଶିକ୍ଷା ଓ କୁସଂସ୍କାର ଅନେକ ପରିମାଣରେ ଦାୟୀ । ଶିଶୁକୁ ଉପଯୁକ୍ତ ଭାବେ ଗଢ଼ିତୋଳିବା, ପରିବାର, ସମାଜ ଓ ସରକାରଙ୍କ ସାମୂହିକ ଦାୟିତ୍ୱ ।

ଶିଶୁ ଜାତିର ସମ୍ପଦ ଓ ଭବିଷ୍ୟତର କର୍ଣ୍ଣଧାର, ତେଣୁ ତାକୁ ଠିକ୍ ଭାବେ ଗଢ଼ିତୋଳିବାର ଦାୟିତ୍ୱ ଆମ ସମସ୍ତଙ୍କର । ଶିଶୁ ମୃତ୍ୟୁହାର ଓ ମାତୃମୃତ୍ୟୁହାର ଆମ ଦେଶରେ ଏକ ବଡ଼ ସମସ୍ୟା । ଉପଯୁକ୍ତ ଖାଦ୍ୟ, ଚିକିତ୍ସା, ସେବା ଓ ପରିଚର୍ଯ୍ୟା ମିଳିଲେ ଏହି ସମସ୍ୟା ଦୂର କରାଯାଇପାରେ । ଜୀବନର ପ୍ରଥମ ପାହାଚ ଶୈଶବ ଅତିକ୍ରମ କରି ଶିଶୁ ଯେତେବେଳେ କୈଶୋରରେ ପଦାର୍ପଣ କରେ ସେତେବେଳେ ତା' ଭିତରେ ଜାଣିବାର ଆଗ୍ରହ, ବୁଝିବାର ଶକ୍ତି ଓ ଭଲମନ୍ଦ ବିଚାର କରିବାର ସାମର୍ଥ୍ୟ ସୃଷ୍ଟି ହୁଏ । ସିଏ ବହୁତ କିଛି କରିବାର ସ୍ୱପ୍ନ ଦେଖେ କିନ୍ତୁ ସ୍ୱପ୍ନତାର ମଉଳିଯାଏ ଦାରିଦ୍ର୍ୟର କଷାଘାତରେ । ଖେଳିବା, ପଢ଼ିବା ତା' ଭାଗ୍ୟରେ ଜୁଟେନାହିଁ । ପରିବାର ପାଇଁ ରୋଜଗାର କରିବାର ଦାୟିତ୍ୱ ସେ ମୁଣ୍ଡକୁ ନିଏ । କାନ୍ଧରେ ଥଳି ଗଳାଇ ରାସ୍ତାକୁ ବାହାରି ପଡ଼େ ଓ ଘର ଘର ବୁଲି ଭଂଗା ଲୁହା, ଟିଣ, କାଚ, ପ୍ଲାଷ୍ଟିକ୍ ଓ କାଗଜ ଇତ୍ୟାଦି ସଂଗ୍ରହ କରେ । ସହାରାଞ୍ଚଳରେ ଆବର୍ଜନା ସ୍ତୁପରୁ ଉପରୋକ୍ତ ସାମଗ୍ରୀ ସଂଗ୍ରହ କରୁଥିବା କଂକାଳସାର କିଶୋରଙ୍କ ଏ ବେଦନାଦାୟକ ଦୃଶ୍ୟ ସର୍ବସାଧାରଣଙ୍କ ଦୃଷ୍ଟିରେ ପଡ଼େ । ଦେଖି ମଧ ନଦେଖିଲା ପରି ସମସ୍ତେ ଯିଏ ଯାହା କାମରେ ଚାଲିଯାନ୍ତି ।

ଷ୍ଟେସନ୍‌ର ପ୍ଲାଟ୍‌ଫର୍ମରେ ଓ ଯାତ୍ରୀବାହୀ ରେଳଗାଡ଼ିର ଡବାରେ ଅବହେଳିତ କିଶୋରମାନେ ଜୋତାପଲିସ୍ କରନ୍ତି ଓ ସଫେଇ କାମ କରନ୍ତି । କେହି କେହି ଦୟାଶୀଳ ଲୋକେ ସେମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ଟଂକେ ଦୁଇଟଂକା ଧରାଇ ଦିଅନ୍ତି । ହୋଟେଲ ଓ ଜଳଖିଆ ଦୋକାନରେ ପ୍ଲେଟ୍ ଧୋଇବା ଓ ପତର ଉଠାଇବା କାମରେ ସାଧାରଣତଃ ଏହି ଅଭାବଗ୍ରସ୍ତ କିଶୋରମାନଙ୍କୁ ମାଲିକମାନେ ଅଳ୍ପ ପଇସାରେ ନିଯୁକ୍ତି ଦିଅନ୍ତି । ଯେଉଁ ବୟସରେ ପିଲାମାନେ ଖେଳିବା, ବୁଲିବା ଓ ପଢ଼ିବାରେ ମନୋନିବେଶ କରନ୍ତି, ସେହି ବୟସରେ ଏ ଅସହାୟ ଦରିଦ୍ର କିଶୋରମାନେ ପରର ଗୋଲାମୀ ଖଟନ୍ତି । ସେମାନଙ୍କର ଯେ ଗୋଟିଏ ମନଅଛି, ଇଚ୍ଛା ଅଛି ଓ ସ୍ୱପ୍ନ ଅଛି, ତାହାକୁ କେହି ଭାବନ୍ତି ନାହିଁ । ମାନବ ସମ୍ବଳର ଏ ଯେଉଁ

Digitized by PPRACHIN, SOA

ଉତ୍କଟ ଅବସ୍ଥା, ସେ କଥା ତା' ପରିବାର ବୁଝେ ନା ତା'ର ସମାଜ ବା ସରକାର ବୁଝନ୍ତି ।

କିଶୋରର ସମସ୍ୟା ଜାତିର ସମସ୍ୟା । ତେଣୁ ଏକ ଦାୟିତ୍ୱସମ୍ପନ୍ନ ଜାତୀୟ ସରକାର ସମାଜ ଓ ଶ୍ରେଣୀ ଭେଦରେ ଏକ ଜାତୀୟ ନୀତି ନିର୍ଦ୍ଧାରଣ କରି ତାକୁ ସଫଳ ଭାବେ ରୂପାୟନ କରି ଦେଶର ଭବିଷ୍ୟତକୁ ସମୃଦ୍ଧ କରିବାକୁ ଯତ୍ନବାନ୍ ହେବା ଆବଶ୍ୟକ । ଭୂପ୍ରକୃତି ଓ ଜୈବ ବିବିଧତା ଭିତ୍ତିରେ ଖାଦ୍ୟପେୟ, ରୀତିନୀତି ଓ ଚାଲିଚଳନ ପୃଥକ ହୋଇପାରେ କିନ୍ତୁ ଗୋଟିଏ ଦେଶର ସବୁ ଶିଶୁତ ଏକ ଶିଶୁ ସମ୍ପ୍ରଦାୟର, ସବୁ କିଶୋର ତ ଏକ କିଶୋର ସମ୍ପ୍ରଦାୟର, ସବୁ କିଶୋରର ଗ୍ରହଣୀୟ ହେବା ଭଳି ଏକ ସର୍ବନିମ୍ନ କାର୍ଯ୍ୟକ୍ରମ ରହିବା ଦରକାର।

ଆଜିର କିଶୋର କାଲିର ଯୁବକ ହୋଇ ଦେଶ ନିର୍ମାଣରେ ବ୍ରତୀ ହେବେ । ତେଣୁ ସେମାନଙ୍କ ସମସ୍ୟାକୁ ପ୍ରାଥମିକତା ମିଳିବା ଦରକାର । ଜଳବାୟୁ ଭେଦରେ ସଂସାରର ସବୁ ଲୋକଙ୍କର ବର୍ଣ୍ଣ ଓ ଶାରୀରିକ ଗଠନ ଅଲଗା ହେଲେ ମଧ୍ୟ ସମସ୍ତଙ୍କର ଦେହର ରକ୍ତ ଲାଲ । ସେହିପରି ସବୁ କିଶୋରର ସମସ୍ୟା ଏକ । ସେମାନଙ୍କୁ ଦରକାର ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ନୀତି ଓ ଆଦର୍ଶ । ସେମାନେ ସମସ୍ତେ ମଣିଷ । ତେଣୁ ସେମାନଙ୍କୁ ଗଢ଼ିବାର ପ୍ରତ୍ୟେକ ସେବାରେ ମାନବିକତାର ମହତ୍ତମ ସ୍ପର୍ଶ ରହିବା ଦରକାର ।

■■

Digitized by PPRACHIN, SOA

ବଂଧୁ ହେବ ଏପରି

ସ୍ୱାଧୀନତାର ଛଅ ଦଶନ୍ଧି ପରେ ମଧ୍ୟ ଭାରତର ସ୍ୱାସ୍ଥ୍ୟ ସେବା ଅସମାହିତ ଅବସ୍ଥାରେ ଅଛି । ଲୋକଙ୍କୁ ସହଜରେ ଓ ସୁବିଧାରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବାରେ ସରକାର ବିଫଳ ହୋଇଛନ୍ତି । ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ଔଷଧ ଓ ଭିତ୍ତିଭୂମି ଇତ୍ୟାଦି କ୍ଷେତ୍ରରେ ସବୁଠି ନାହିଁ ନାହିଁର ଭାବ ।

ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ପଛରେ । ଏଠି ଲୋକେ ଅଧିକ ମାତ୍ରାରେ ଜିଲ୍ଲା ସଦର ହାସପାତାଳ ଉପରେ ନିର୍ଭର କରନ୍ତି । ୧୯୬୧-୬୨ ମସିହାର ଏକ ଘଟଣା । ଭୋଗରାଇ ବ୍ଲକ୍‌ର ବାଇଗଣ ବାଡ଼ିଆ ଗ୍ରାମର ଗଣେଶ ଅଣ୍ଡିଆ ପେଟ ରୋଗରେ ଆକ୍ରାନ୍ତ ହୋଇ ମୁମୂର୍ଷୁ ଅବସ୍ଥାରେ ଜିଲ୍ଲା ସଦର ହାସପାତାଳରେ ଭର୍ତ୍ତି ହୋଇଛି । ପାଖରେ ତା'ର ସ୍ତ୍ରୀ ବନୀ ବସିଥାଏ । ଶୀତ ଦିନ । ଦେହରେ ଖଣ୍ଡେ ଶାଢ଼ୀ ବ୍ୟତୀତ ଅନ୍ୟ କୌଣସି ଆଭରଣ ନଥାଏ । ଶାଢ଼ୀର ପଣନ୍ତରେ ସାତଟି ଟଂକା ବଂଧାଥାଏ । ତାହା ହିଁ ତା'ର ସମ୍ବଳ । ଦାରିଦ୍ର୍ୟର କି ଉକ୍‌ଟ ପ୍ରତିପାଳନ । ଡାକ୍ତର କି ନର୍ସ ସହିତ କଥା କହିବାର ସାହସ ନ ଥାଏ ତା'ର । ଅବସ୍ଥାକୁ ଦେଖି ଯାହା କହିବାର କଥା ତାହା ସ୍ୱାସ୍ଥ୍ୟ ବିଭାଗ କରୁଥାଏ ।

ବିଶିଷ୍ଟ ଜନସେବୀ ତଥା ଜଳେଶ୍ୱରର ପ୍ରାକ୍ତନ ବିଧାୟକ ସ୍ୱର୍ଗତଃ ଗଦାଧର ଗିରି ସେତେବେଳେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ବିଜ୍ଞାନ ସ୍ନାତକ ଶ୍ରେଣୀର ଛାତ୍ର । ତାଙ୍କ ନେତୃତ୍ୱରେ ଅଧ୍ୟୟନରତ ଉତ୍ତର ବାଲେଶ୍ୱରର ଅନେକ ଛାତ୍ର ଅବସର ସମୟରେ ରୋଗୀ ସେବାରେ ନିଜକୁ ନିୟୋଜିତ ରଖିଥାନ୍ତି । ସେମାନେ ପ୍ରାୟ କଲେଜ ଛାତ୍ରାବାସରେ, ଡି.ଏସ୍.ଏ.ମେସ୍, ବାଣୀଭବନ ମେସ୍ ଓ ଉତ୍ତର

Digitized by PPRACHIN, SOA

ବାଲେଶ୍ୱର ମେସ୍‌ରେ ରହି ପଢ଼ାପଢ଼ି କରୁଥାନ୍ତି । ଡିସେମ୍ବର ମାସ ଶେଷ ସପ୍ତାହ । ଶୀତର ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ । କଲେଜରେ ସେତେବେଳେ ଶୀତ ଛୁଟି । ଘରକୁ ଫେରି ପିଲମାନେ ଧାନ ଅମଳରେ ବ୍ୟସ୍ତ । ଛାତ୍ରାବାସ ଓ ମେସ୍‌ଗୁଡ଼ିକରେ କେହି କ୍ୱଚିତ୍ ରହିଥାନ୍ତି ।

ଡି.ଏସ୍.ଏ ମେସ୍‌ରେ ରହିଥାନ୍ତି ବାଲିଆପାଳ ଥାନାର ପାରଦୀପା ଗ୍ରାମର ଶ୍ରୀ ଗଦାଧର ଗିରି ଓ ଶ୍ରୀ ଜଗନ୍ନାଥ ପ୍ରଧାନ । ସେଦିନ ଡିସେମ୍ବର ୨୭ତାରିଖ । ଗଦାଧର ବାବୁ ଅନ୍ୟତ୍ର କାର୍ଯ୍ୟ ବ୍ୟସ୍ତ ରହି ଜଗନ୍ନାଥ ବାବୁଙ୍କୁ ଗଣେଶ ଅଣ୍ଡିଆ ଓ ତା'ର ସ୍ତ୍ରୀ ବନୀର ଦାୟିତ୍ୱ ଦେଇ ଚାଲିଗଲେ । ସମୟ ଅପରାହ୍ନ ୪ଟା ସରିହେବ । ଜଗନ୍ନାଥ ବାବୁ ଗଣେଶ ଅଣ୍ଡିଆର ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଗଲେ । ସମ୍ପର୍କରେ ବନୀ ତାଙ୍କର ଦୂର ସମ୍ପର୍କିୟା ନାନୀ ହୁଅନ୍ତି। ପଚାରିଲେ ବନୀ ନାନୀ ଗଣେଶ ଭାଇର ଅବସ୍ଥା କିପରି ଅଛି। ବନୀ ନିରୁତ୍ତର ରହି ମୁଣ୍ଡଟେକି ଏକ ଅସହାୟ ଦୃଷ୍ଟିରେ ତାଙ୍କୁ ଚାହିଁଲା । ଦୃଷ୍ଟି ତାର ଉଦାସ । ପାଟିରୁ ଭାଷା ଫିଟୁନି । କ'ଣ ସେ'ବା ଜାଣେ କହିବ । ଦାୟିତ୍ୱରେ ଥିବା ନର୍ସ ରୋଗୀ ଉପରେ କଳା ପରଦା ଟାଣି ଦେଲେ । ଘଟଣାର ଦ୍ରୁତ ପରିବର୍ତ୍ତନରେ ତଟସ୍ଥ ହୋଇ ଜଗନ୍ନାଥବାବୁ ପଚାରିଲେ ସିଷ୍ଟର ଏ କଳା ପରଦା କାହିଁକି ଟାଣିଲେ ? ସିଷ୍ଟରଙ୍କର କୌଣସି ପ୍ରତିକ୍ରିୟା ନଥାଏ । ସେ ସ୍ୱାଭାବିକ ଢ଼ଙ୍ଗରେ କହିଲେ, 'ତୁମେ କଲେଜରେ ପଢୁଛ ଅଥଚ ରୋଗୀ ଉପରେ କାହିଁକି କଳା ପରଦା ଟଣାଯାଏ ତାହା ଜାଣିନ । ଜଗନ୍ନାଥ ବାବୁ ବକ୍ତବ୍ୟର ଅର୍ଥ ବୁଝିଲେ । ସେ ବନୀକୁ ଧୀରେ ଧୀରେ କହିଲେ, ନାନୀ ! ଭାଇ ଆଉ ନାହିଁ । ଏଟା ଡାକ୍ତରଖାନା ଏଠି ଅନେକ ରୋଗୀ ଅଛନ୍ତି । ତୁ କାନ୍ଦନା । ଦୁଃଖ ନଦୀର ବନ୍ୟା କ'ଣ ଥଳକୂଳ ମାନିବ । ବନୀ ମୁଣ୍ଡ କୋଡ଼ି କାନ୍ଦି ଉଠିଲା । ଜଗନ୍ନାଥ ବାବୁ ବନୀର ମୁଣ୍ଡ ଆଉଁସି ତାକୁ ସବୁକଥା ବୁଝେଇ ସାନ୍ତ୍ୱନା ଦେଲେ । କହିଲେ, ମୁଁ ମେସ୍‌କୁ ଯାଉଛି। ଦିଆସିଲି ଲଣ୍ଠନ ଓ ଚାଦର ଆଣେ, ତୁ ଏଠି ବସିଥା ।

ସେ ଡାକ୍ତର ଖାନା ବାରଣ୍ଡାରୁ ତଳକୁ ଓହ୍ଲାଇ ଦଶବାର ଭଡ଼ା ଯାଇଛନ୍ତି କି ନାହିଁ ସାମ୍ନା ସାମ୍ନି ହେଲେ ଏକ ଲମ୍ବା ଚଉଡ଼ା ଗାଉଁଲି ଲୋକର । ତା'ର ପରିଧାନ ଥିଲା ଖଣ୍ଡେ ପାଞ୍ଚ ହାତୀ ଖୋରଧା ଗାମୁଛା, ଦେହରେ ଖଣ୍ଡେ ଗଂଜି ଘୋଡ଼ି ହୋଇଥାଏ, ଆଉ ଖଣ୍ଡେ ଗାମୁଛା । ହାତରେ ଦୁଇଟି ପଇଡ଼ ଓ ଦୁଧପୂର୍ଣ୍ଣ ଗୋଟିଏ ତମ୍ବାଘଟି । ପଚାରିଲା, ବାବୁ ! ଆଜିକୁ ଚାରିଦିନ ହେବ ଏଠି ଜଣେ ପେଟ ରୋଗୀ ଭର୍ତ୍ତି ହୋଇଛି । କେଉଁଠି ଅଛି କହିପାରିବେ । ଜଗନ୍ନାଥ ବାବୁ କହିଲେ, ରୋଗୀର ନାମ ଓ ଗାଁ କୁହ, ଯଦି ଜାଣିଥିବି ତେବେ କହିବି । ସେ କହିଲା, ରୋଗୀର ନାମ ଗଣେଶ ଅଣ୍ଡିଆ, ଘର

Digitized by PPRACHIN, SOA

ଭୋଗରାଇର ବାଇଗଣ ବାଡ଼ିଆରେ । କିଂଚିତ୍ ଆଶ୍ଚର୍ଯ୍ୟ ହୋଇ ଜଗନ୍ନାଥ ବାବୁ ପଚାରିଲେ, 'ତୁମେ ତାର କିଏ ହୁଅ ।" ସେ କହିଲା ମୋ ନାମ ଗଣେଶ ମାଝୀ, ଘର ଦହମୁଣ୍ଡା । ଆମେ ଦୁଇଜଣ ମଇତ୍ର । ଆମେ ଗରିବ ଲୋକ । ବେପାର ବଣିଜ କରି ଚଳୁ । ମୋ ମଇତ୍ର ଡାକ୍ତର ଖାନାରେ ଅଛି ଜାଣି ତାକୁ ଦେଖା କରିବାକୁ ଆସିଛି । ଜଗନ୍ନାଥ ବାବୁ କହିଲେ, "ବାବୁରେ ଟିକିଏ ଡେରି କରିଦେଲ । ତୁମ ମଇତ୍ର ଏଇ କିଛି ସମୟ ପୂର୍ବରୁ ଚାଲିଗଲେ । ଗଣେଶ ମାଝିର ମୁଣ୍ଡରେ ଆକାଶ ଛିଣ୍ଡି ପଡ଼ିଲାପରି ଲାଗିଲା । ହାତରୁ ତା'ର ଦୁଧ ଘଟିଟି ଖସି ପଡ଼ିଲା । ପଇଡ଼କୁ ତଳେ ଥୋଇ ଦେଇ ମୁଣ୍ଡରେ ହାତ ଦେଇ ସେ ବସିପଡ଼ିଲା । ଆଖିରୁ ଝର ଝର ଲୁହ ଝରିପଡ଼ିଲା । ବିକଳରେ କାନ୍ଦି କାନ୍ଦି କହିଲା, 'ମଇତ୍ର କି ପାପ କରିଥିଲି, ଟିକେ ଶେଷ ଦେଖା ହୋଇ ପାରିଲାନି ।'

ଜଗନ୍ନାଥ ବାବୁ ଗଣେଶ ମାଝିକୁ ସାନ୍ତ୍ୱନା ଦେଇ ସେଠାରେ ଅପେକ୍ଷା କରିବାକୁ କହି ଲଣ୍ଠନ ଓ ଦିଆସିଲି ଆଣିବାକୁ ମେସ୍‌କୁ ଗଲେ । ଶବ ସତ୍କାର ପାଇଁ ଲୋକ ଯୋଗାଡ଼ କରି ନପାରି କେବଳ ଲଣ୍ଠନ ଓ ଦିଆସିଲି ଧରି ଡାକ୍ତର ଖାନା ଫେରିଲେ । ଗଣେଶ କହିଲା, ମୋ ମଇତ୍ରର ଶବ ସତ୍କାର ପାଇଁ କେହି ଲୋକ ଦରକାର ନାହିଁ । ମୁଁ ଏକା ସବୁ କରିଦେବି । ଗାମୁଛାରେ ବାଂଧିଥିବା ପଇସାରେ କାଠକିଣି ଟ୍ରଲି ରିକ୍ସାରେ ଶ୍ମଶାନ ପଠାଇ ଦିଆଗଲା । ଗଣେଶ ମାଝି ଦେହରେ ଗୁଡ଼ାଇଥିବା ଗାମୁଛାରେ ମଇତ୍ରର ଶବକୁ ନିଜ ପିଠିରେ ବାଂଧି ପୁଷମାସ ରାତି ୯ଟାରେ ଶ୍ମଶାନକୁ ଚାଲିଲା । ସାଥିରେ ଲଣ୍ଠନ ଧରି ଚାଲିଥାନ୍ତି ଜଗନ୍ନାଥ ବାବୁ, କିଛି ନକହି ସବୁ ଦେଖୁଥାନ୍ତି ।

ଶ୍ମଶାନରେ ପହଞ୍ଚି ଶବ ରଖିଲେ । ଅନ୍ଧାରିଆ ଶୀତରାତି, ନିର୍ଜନ ନିଛାଟିଆ ସ୍ଥାନ । ଦୁଇ ଅପରିଚିତ ଲୋକ ଏକ ହୋଇ ଜୁଇ ପ୍ରସ୍ତୁତ କଲେ । ଜୁଇ ପ୍ରସ୍ତୁତିରେ ଦାହକାର୍ଯ୍ୟରେ ଯଥାସମ୍ଭବ ବିଧିବିଧାନକୁ ଆଖିରେ ରଖି ଗଣେଶ ମାଝି ମୁଖାଗ୍ନି ଦେଲା । ଦିବଂଗତ ମଇତ୍ର ଗଣେଶ ଅଣ୍ଡିଆର ଆତ୍ମାର ଶାନ୍ତି କାମନା କଲା । ଜୀବିତାବସ୍ଥାରେ ନହେଲେ ମଧ୍ୟ ମୃତ୍ୟୁପର ଅବସ୍ଥାରେ ମଇତ୍ରର ଶେଷ ଯାତ୍ରାର କାର୍ଯ୍ୟ ସମ୍ପାଦନ କରି ଦୁଇଜଣ ମେସ୍‌କୁ ଫେରିଲେ । ପ୍ରଭାତ ହେବାକୁ ଆହୁରି ବେଶ କିଛି ସମୟ ଥାଏ । ମେସ୍ ସାମ୍ନାରେ ଥିବା ପୋଖରୀରେ ଗାଧୁଆ ପାଧୁଆ ସାରି ଘରକୁ ଫେରିବାର ବ୍ୟବସ୍ଥା କଲା ଗଣେଶ ମାଝି । ବଂଧୁପତ୍ନୀ ବନୀକୁ ସାଥିରେ ଧରି ଦିଲଜାନ ମିଆଁର ବାଲିଆପାଳ ଆସୁଥିବା ପ୍ରଥମ ବସ୍‌ରେ ଘରକୁ ଫେରିଲେ । ଭାଗ୍ୟରେ ଥିଲେ ଏପରି ବଂଧୁ ମିଳନ୍ତି ।

■ ■

Digitized by PPRACHIN, SOA

କବି ଜଗନ୍ନାଥ ପ୍ରଧାନଙ୍କ
ସହିତ ଲେଖକ

Digitized by PPRACHIN, SOA

ଶ୍ରୀ ଯତୀନ୍ଦ୍ର ନାଥ ଜେନା

ଜନ୍ମ: ତା: ୦୩. ୦୨. ୧୯୩୭
ପିତା: ୰ ବ୍ରଜେନ୍ଦ୍ର ନାଥ ଜେନା
ମାତା: ରାଧାମଣି ଜେନା

ମୋର ସ୍ୱାମୀ ଶ୍ରୀଯୁକ୍ତ ଯତୀନ୍ଦ୍ର ନାଥ ଜେନା ତାଙ୍କ କର୍ମମୟ ଜୀବନ ଶିକ୍ଷକତାରୁ ଆରମ୍ଭ କରି ସେହି ଶିକ୍ଷକତାରେ ହିଁ ଶେଷ କଲେ । ଦୀର୍ଘ ଛ' ଦଶନ୍ଧିର ଜୀବନ ମଧ୍ୟରେ ଆମେ ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇଛୁଁ । କିନ୍ତୁ କେବେ ମନାନ୍ତର ଘଟିନାହିଁ । ତିନି ଝିଅ ଓ ଗୋଟିଏ ପୁଅକୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଦେବାର ନୈତିକ କର୍ତ୍ତବ୍ୟ ଆ:ମ ଦୁଇଜଣଙ୍କର ଥିଲା । ଅବସରର ୨୦ବର୍ଷ ପରେ ସେ କିଛି ଲେଖାଲେଖି କରିବାର ମୁଁ ଦେଖିଲି । କିନ୍ତୁ କ'ଣ ସେ ଲେଖନ୍ତି, ଲେଖାର ଆଭିମୁଖ୍ୟ କ'ଣ, ମୁଁ କେବେ ଜାଣିବାକୁ ଆଗ୍ରହ ପ୍ରକାଶ କରିନାହିଁ । ମୁଁ ଜାଣେ ସେ ଯାହା କରନ୍ତି ଭଲ କରନ୍ତି । ତାଙ୍କ ହସ ହସ ମୁଖ, ମିଠାମିଠା କଥା, ସାଧୁତା, ସତ୍ୟବାଦିତା ଓ ନିର୍ଭୀକତାକୁ ମୁଁ ସମ୍ମାନ ଦିଏଁ । ତାଙ୍କ ଲେଖା ବୌଦ୍ଧିକତାର ପୁଷ୍ଟି ଓ ମାନବ ଜାତିର ମଂଗଳ ପାଇଁ ଉଦ୍ଦିଷ୍ଟ ହେଉ, ଏହା ହିଁ ମୋର କାମନା ।

ଶ୍ରୀମତୀ ଶାନ୍ତିଲତା ଜେନା
ପ୍ରକାଶିକା

Digitized by PPRACHIN, SOA